
ଧରିତ୍ରୀ
DHARITRI
October 24-30, 2021 ₹ 2/-

# ଛୁଟିଦିନ

# ଏଇଠି ଚାଲେ ଏମାନଙ୍କ ରାଜୁତି

ପଶୁପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ରହିଛି  ଅଭୟାରଣ୍ୟ ଆଉ ସେମାନଙ୍କୁ ଶିକାର ନ କରିବାକୁ ଜାରି କରାଯାଇଛି ଅନେକ ନିୟମକାନୁନ। ହେଲେ ଏମିତି ବି କିଛି ସ୍ଥାନ ଅଛି ଯେଉଁଠି ନା ଅଛି ଅଭୟାରଣ୍ୟ ନା ପ୍ରାଣୀ ଶିକାରକୁ ନେଇ ସେଠାରେ ରହିଛି କିଛି ନିୟମ।  ବରଂ ଏଠାରେ ଏମାନଙ୍କର ହିଁ ରାଜୁତି ଚାଲିଛି...

୩
ପ୍ରଚ୍ଛଦ ପ୍ରସଙ୍ଗ



## ଗୁଣକାରୀ ତୁଳସୀ

ତୁଳସୀ ଚଉରା ପ୍ରତ୍ୟେକଙ୍କର ଘର ଅଗଣାରେ ରହିଥାଏ। କାରଣ ଏହା ଘର ପରିବେଶକୁ ପବିତ୍ର କରିବା ସହ ଗୃହରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ କରାଇଥାଏ। କୌଣସି କାମରେ ଘରୁ ବାହାରିବା ସମୟରେ ତୁଳସୀ ଚଉରା ମୂଳେ ମୁଣ୍ଡିଆ ମାରି ଗଲେ ଉକ୍ତ କାମଟି ସୁରୁଖୁରୁରେ ସମ୍ପନ୍ନ ହୋଇଥାଏ ବୋଲି ବିଶ୍ୱାସ ମଧ୍ୟ ରହିଛି। ତା'ଛଡ଼ା ଏହି ଗଛର ଅନେକ ଔଷଧୀୟ ଗୁଣ ବି ଅଛି। ତେବେ ତୁଳସୀ ଆମର ଆଉ କ'ଣ ଉପକାରରେ ଆସେ ଆସନ୍ତୁ ଜାଣିବା ସେ ସମ୍ପର୍କରେ...



*ଯଦି କାହାକୁ ତୁଳସୀ ଗଛର ମୂଳ (ଖାସ୍ କରି କଳା ତୁଳସୀ ଗଛର ମୂଳ)ମିଳେ, ତା'ହେଲେ ତାକୁ ଗୋଟିଏ ତେଉଁରିଆରେ ରଖି ଦେହରେ ଧାରଣ କଲେ ଶୁଭଫଳ ମିଳିଥାଏ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଗଲାବେଳେ ସାଙ୍ଗରେ ସେହି ତେଉଁରିଆକୁ ନେଇଗଲେ କାମଟି ସୁରୁଖୁରୁରେ ହୋଇଯାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥାନ୍ତି।

*ତୁଳସୀ ମୂଳର ମାଟି ମୁଣ୍ଡରେ ଲଗାଇ ବାହାରକୁ ଯିବା ବି ଶୁଭ ହୋଇଥାଏ। ଏପରିକି କୁହାଯାଏ, ଛୋଟ ପିଲାଙ୍କ ମୁଣ୍ଡରେ ତୁଳସୀ ମାଟି ଲଗାଇଲେ ସେମାନଙ୍କୁ କାହାରି ଖରାପ ନଜର ଲାଗେନାହିଁ।

*ଘରର ଡାହାଣପଟେ ତୁଳସୀ ବଗିଚା କରିବା ଅତ୍ୟନ୍ତ ଶୁଭ ଲକ୍ଷଣ ହୋଇଥାଏ। ଏହାଦ୍ୱାରା ଘରର ସଦସ୍ୟଙ୍କୁ ଅମ୍ଳଜାନ ମଧ୍ୟ ପ୍ରଚୁର ମିଳିଥାଏ।

*ସେହିପରି କୁହାଯାଏ, ପ୍ରତିଦିନ ଯେଉଁ ବ୍ୟକ୍ତି ସୁଧପୂତ ହୋଇ ମାତ୍ର ୭ଟି ତୁଳସୀ ପତ୍ର ଚୋବାଇ ଖାଇଥାନ୍ତି, ତାଙ୍କୁ ଥଣ୍ଡା, କାଶ, କଫ ଜନିତ ରୋଗ ପ୍ରାୟତଃ ହୁଏନାହିଁ। ତା'ଛଡ଼ା ତାଙ୍କଠାରେ ଉଦର ଜନିତ ରୋଗ ବି ଖୁବ୍ କମ୍ ଦେଖାଯାଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୨୪-୩୦

**ମେଷ** — ନୂଆ କାମ କରିବେ, ସଫଳତା ମିଳିବ। ସ୍ଥିରତା ଫେରିପାଇବେ, ମାମଲାର ଆଶୁ ଶୁଣାଣି ହେବ। ବନ୍ଧୁଙ୍କ ଆପ୍ୟାୟିତ କରିବେ, ଖର୍ଚ୍ଚ ପରିମାଣ ବଢ଼ିବ, ଖୋଜୁଥିବା ଜିନିଷ ମିଳିବ, ବନ୍ଧୁ ସମ୍ପର୍କରେ ବାଧା, କର୍ମକ୍ଷେତ୍ରରେ ପଦୋନ୍ନତି, ସାମାଜିକ ସମ୍ମାନ ପାଇବେ।

**ବୃଷ** — ଶାରୀରିକ ପୀଡ଼ା, ଉତ୍ସବ ନିମନ୍ତେ ପ୍ରସ୍ତୁତି, ଅପେକ୍ଷାକୃତ ଅସୁବିଧା, ବନ୍ଧୁଙ୍କୁ ଆପଣେଇ ନେବେ। ବସ୍ତ୍ରଭୂଷଣ ପ୍ରାପ୍ତି, ଆଶଙ୍କା ଦୂର ହୋଇଯିବ, ପାରିବାରିକ ସମସ୍ୟା ସମାଧାନ।

**ମିଥୁନ** — ସୁଯୋଗ ପାଇବେ, କାର୍ଯ୍ୟସିଦ୍ଧି ହେବ, ଅଭାବ ଦୂର ହେବ, ପାରିବାରିକ ବିଶୃଙ୍ଖଳା, ଅସ୍ଥିରତା ଲାଗିରହିବ, ସହକର୍ମୀଙ୍କ ସହ ତିକ୍ତତା। ନୂତନ ଦାୟିତ୍ୱ ନେଇ ପାରନ୍ତି, ବ୍ୟବସାୟ ସଙ୍କୁଚିତ ହେବ, ବିଭିନ୍ନ ସମସ୍ୟାରୁ ମନ ଅଶାନ୍ତ, ଯାତ୍ରା ସ୍ଥଗିତ ରହିପାରେ।

**କର୍କଟ** — ବନ୍ଧୁ ସହଯୋଗ ପାଇବେ, ଭାବପ୍ରବଣତା ବଢ଼ିବ, ଅବସାଦ ଯୁକ୍ତ ହେବେ, ଅଭିଯୋଗ ଆସିପାରେ, ପ୍ରତିଷ୍ଠା ମିଳିବ, ନୂତନ କାର୍ଯ୍ୟାରମ୍ଭ କରିବେ, କର୍ମଧାରାରେ ପରିବର୍ତ୍ତନ, ଖେଳକୁଦରେ ପ୍ରଶଂସା, ସନ୍ତାନ ହେତୁକ ଦ୍ୱନ୍ଦ୍ୱ।

**ସିଂହ** — ଶାରୀରିକ ଅସୁସ୍ଥତା, ଆର୍ଥିକ ଅନଟନ, ପାରିବାରିକ ସମସ୍ୟା, ବାଣିଜ୍ୟ ମାନ୍ଦା ହେବ, ଭୋଗ ବିଳାସର ପ୍ରାଚୁର୍ଯ୍ୟ, ଗାଡ଼ିମୋଟର ସମସ୍ୟା, କର୍ମକ୍ଷେତ୍ରରେ ବାଧା, ଧର୍ମକାର୍ଯ୍ୟରେ ବ୍ୟୟ।

**କନ୍ୟା** — କାମରେ ପ୍ରତିବନ୍ଧକ, ହଇରାଣରେ ପଡ଼ିପାରନ୍ତି, ଅଶାନ୍ତି ଲାଗିରହିବ, ବିଭିନ୍ନ ସୂତ୍ରରୁ ରୋଜଗାର। ବିବାଦୀୟ ଘଟଣାର ଅବସାନ, ଦୈହିକ ଦୁର୍ବଳତା, ଖୁସୀ ଖବର ପାଇବେ।

**ତୁଳା** — ଭ୍ରମଣପ୍ରିୟ ହେବେ, ସମସ୍ୟା ସମାଧାନ ହେବ, ନୂତନବନ୍ଧୁ ସମ୍ପର୍କ, ଋଣ ପରିଶୋଧ କରିବେ, ଭ୍ରାତୃ ସମ୍ପର୍କ ହ୍ରାସ ଘଟିବ, ଭଲକାମ କରି ମଧ୍ୟ ନିନ୍ଦା, ଅଫିସ୍ କାମରେ ଝଗଡା, ନିଜ ଲୋକ ଦୂରେଇ ଯିବେ, ବ୍ୟବସାୟରେ ଉନ୍ନତି, ପ୍ରଶାସନିକ ତତ୍ପରତା ବୃଦ୍ଧି।

**ବିଛା** — ଉଚ୍ଚ ସମ୍ମାନ ପାଇବେ, ବନ୍ଧୁ ପ୍ରସ୍ତାବ ଆସିବ, କନ୍ୟା ହେତୁକ ସମସ୍ୟା, ସ୍ୱାସ୍ଥ୍ୟରେ ଉନ୍ନତି, ଶୁଭଖବର ପାଇବେ। କର୍ମକ୍ଷେତ୍ରରେ ବାଧା ସୃଷ୍ଟି, ବ୍ୟବସାୟରେ ଶିଥିଳତା, ନୀଚ ସଂସର୍ଗରୁ ଅପନିନ୍ଦା।

**ଧନୁ** — ନୂତନ ଯୋଜନାରମ୍ଭ, ସଫଳତା ପାଇବେ, ଉଚ୍ଚପଦବୀରେ ନିଯୁକ୍ତି, ଖୁସିର ଆସର ଜମିବ, ନିର୍ମାଣ କାର୍ଯ୍ୟରେ ସମସ୍ୟା, ଜମିଜମା ବିବାଦ, ଅଦାଲତରେ ବିଜୟ, ସମସ୍ୟାର ସମାଧାନ, ବନ୍ଧୁ ସମ୍ପର୍କ ବ୍ୟାହତ, ଶାରୀରିକ ପୀଡ଼ା।

**ମକର** — ସଂସ୍କାର ପ୍ରିୟ ହେବେ, ନୈତିକତାର ମାନବୃଦ୍ଧି, କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ପାଦରେ ଆଘାତ ଲାଗିପାରେ, ବିରୋଧୀ ସକ୍ରିୟ ରହିବେ, ଜିଦ୍‌ରୁ ଅନର୍ଥ ସୃଷ୍ଟି, ଦ୍ୱନ୍ଦ୍ୱର ଅବସାନ ଘଟିବ, ନୂତନ କାର୍ଯ୍ୟରେ ହାତ ଦେବେ।

**କୁମ୍ଭ** — ଆଶା ପୂରଣ ହେବ, କରଜ କରିପାରନ୍ତି, ବନ୍ଧୁ ମିଳନରୁ ଆନନ୍ଦ, ପେଟ ଗୋଳମାଳ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ, ହାତ ଖାଲି ରହିବ। ବିଦେଶଯାତ୍ରାର ସୁଯୋଗ, ଲେଖାପଢ଼ାରେ ଅଗ୍ରଗତି, ଯୋଗ-ସଙ୍ଗୀତରେ ଅଭିରୁଚି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ।

**ମୀନ** — ଉନ୍ନତ ଚିନ୍ତା କରିବେ, ସାମାଜିକ ସମ୍ମାନ, ହାତକୁ ଦି ପଇସା ଆସିବ। ଦୂରଯାତ୍ରାର ମସୁଧା, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ସୌଖୀନ ପଦାର୍ଥ ଲାଭ, ଘରଭଡ଼ାକୁ ନେଇ ବିତର୍କ, ସ୍ନାୟବିକ ଦୁର୍ବଳତା, ସ୍ଥଗିତକାମ ତ୍ୱରାନ୍ୱିତ ହେବ, ପରିବହନରେ ସମସ୍ୟା।

## ଲବଙ୍ଗର ଉପକାରିତା



ଲବଙ୍ଗକୁ ପ୍ରାୟ ସମସ୍ତଙ୍କ ଘରେ ଏକ ମସଲା ଦ୍ରବ୍ୟ ଭାବେ ବ୍ୟବହାର କରାଯାଇଥାଏ। କିନ୍ତୁ ଏଥିରେ ଏମିତି ବି କିଛି ଔଷଧୀୟ ଗୁଣ ଅଛି, ଯାହା ବିଭିନ୍ନ ପ୍ରକାରର ରୋଗକୁ ଦୂର କରିବାରେ ସହାୟକ ହୋଇଥାଏ। ଯେମିତିକି: ଦାନ୍ତ ବିନ୍ଧା ହେଉଥିଲେ ଗୋଟିଏ ଲବଙ୍ଗକୁ ନେଇ ଦାନ୍ତ ମୂଳରେ କିଛି ସମୟ ଚାପି ରଖିଲେ କିମ୍ବା ଲବଙ୍ଗ ତେଲକୁ ଦିନକୁ ୪/୫ ଥର ଦାନ୍ତ ମୂଳରେ ଲଗାଇଲେ ବିନ୍ଧାରୁ କିଛିଟା ଉପଶମ ମିଳିଥାଏ। କିଛି ଲବଙ୍ଗ ଗୁଣ୍ଡକୁ ପାଣିରେ ଫୁଟାଇ ସେହି ପାଣିକୁ ଉଷୁମ କରି ପିଇଲେ ଗ୍ୟାସ ବା ଏସିଡିଟି ସମସ୍ୟାରୁ ମଧ୍ୟ ଶୀଘ୍ର ମୁକ୍ତି ମିଳିଥାଏ ବୋଲି ସୂଚନା ରହିଛି। ବାରମ୍ବାର ହେକ୍କୁଟି ହେଉଥିଲେ ଦୁଇଟି ଲବଙ୍ଗକୁ ପାଟିରେ ପକାଇ ତା'ର ରସକୁ ଚୁଶିଲେ ଏ ସମସ୍ୟାରୁ ବି କିଛିଟା ଉପଶମ ମିଳିଥାଏ। ଲବଙ୍ଗ ଖାଇଲେ ପାଟିର ଦୁର୍ଗନ୍ଧ ସମସ୍ୟା ବି ସମାଧାନ ହୋଇଥାଏ। ଏପରିକି ଦାନ୍ତ ତଥା ମାଢ଼ିଜନିତ କିଛି ରୋଗ ଥିଲେ ଲବଙ୍ଗ ଖାଇଲେ ବି ଉପକାର ମିଳେ। ସେହିପରି କୁହାଯାଏ, ଡାଇବେଟିସ୍ ରୋଗୀ ଲବଙ୍ଗ ସେବନ କଲେ ତାଙ୍କ ରକ୍ତରେ ଥିବା ସୁଗାର୍‌ର ପରିମାଣ ନିୟନ୍ତ୍ରଣରେ ରହିଥାଏ। ଆଣ୍ଠୁଗଣ୍ଠି ଜନିତ ରୋଗ ଥିଲେ ପ୍ରତିଦିନ ଗୋଟିଏ ଲେଖାଏଁ ଲବଙ୍ଗ ଖାଇଲେ ଏଥିରୁ ବି କିଛିଟା ଉପଶମ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଏପରିକି ମୁଠାଏ ଲବଙ୍ଗକୁ ଗୁଣ୍ଡକରି ବିନ୍ଧୁଥିବା ଗଣ୍ଠି ଉପରେ କପଡ଼ାରେ ଗୁଡ଼ାଇ କିଛି ସମୟ ରଖିଲେ ବିନ୍ଧା କେତେକାଂଶରେ କମିଯାଏ।

## ପାଠକୀୟ

*ମା'ଙ୍କ ଆବାହନୀ ପାଇଁ ସଜେଇ ହେଲାଣି ଧରା। ଚଳଚଞ୍ଚଳ ହେଲାଣି ପୂରପଲ୍ଲୀ। ଶିଳ୍ପୀ ଦେଲେଣି ମୂର୍ତ୍ତିରେ ଶେଷସ୍ପର୍ଶ। ତେବେ ପୁରୁଷ ମୂର୍ତ୍ତି କାରିଗର ବଦଳରେ କେତେଜଣ ମହିଳା ମୂର୍ତ୍ତି କାରିଗର ରୂପ ଦେଉଛନ୍ତି ମା'ଙ୍କୁ। ତେଣୁ କେତେଜଣ ମହିଳା ମୂର୍ତ୍ତି କାରିଗରଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମା' ହାତରେ ମା'ଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'ବାସ୍ତୁଶାସ୍ତ୍ର ଅନୁଯାୟୀ ପୂଜା କରିବାର ନିୟମ' ସମ୍ପର୍କରେ ଅନେକ ଅଜଣା କଥା ଏଥରର ଛୁଟିଦିନରୁ ଜାଣି ଖୁସି ଲାଗିଲା।

*-ସଂଗ୍ରାମ କେଶରୀ ପରିଜା, ଖୁଣ୍ଟଳ, ରାହାମା, ଜଗତ୍‌ସିଂହପୁର*

*ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ମା' ହାତରେ ମା' ଏକ ନିଆରା ଆଲେଖ୍ୟ ଥିଲା। ପୁରୁଷମାନେ ସାଧାରଣତଃ ମୂର୍ତ୍ତି କାମ କରୁଥିବାର ଆମେ ଜାଣିଛେ, ହେଲେ ଏବେ କେତେକ ମହିଳା ବି ଏହି କାମକୁ ଖୁବ୍ ନିଖୁଣ ଭାବେ କରି ପ୍ରମାଣ କରି ଦେଖାଇ ଦେଇଛନ୍ତି ଯେ, ସେମାନେ କେତେ ପାରଙ୍ଗମ। ସେହିପରି ମା'ଙ୍କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା କବିତା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା।

*-ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ଚନ୍ଦନପୁର, ପୁରୀ*

*ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ କଣ୍ଠଶିଳ୍ପୀ ଶୈଳଭାମାଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଦେବୀ' ଏବଂ 'ଠାକୁରାଣୀ ବିଜେ' ନାମକ ଗପ ଦୁଇଟି ବି ବେଶ୍ ମନଛୁଆଁ ହୋଇପାରିଥିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରୁ ସାମାଜିକ କର୍ମୀ ଅନୁରାଧା ଦାଶଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ଛୁଇଁ ଯାଇଥିଲା।

*-ନମିତା ପ୍ରଧାନ, ପୋଖରୀପୁଟ, ଭୁବନେଶ୍ୱର*

*ଏଥରର ଛୁଟିଦିନର ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରେ ପ୍ରକାଶିତ 'ଚାନ୍ଦବାଲୀ ଇୟର ରିଂ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ଏଥରର ମଡେଲ୍ ମିରର୍ ସ୍ୱାଗତ ସୁଚରିତା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇପାରିଥିଲା। ଅନ୍ୟପକ୍ଷେ 'ନୈନା ଦେବୀ ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ସହରଠୁ ଦୂର ପୃଷ୍ଠାରୁ ଜାଣିହେଲା।

*-ସ୍ୱପ୍ନାମୟୀ ମହାନ୍ତି, ସାଲେପୁର*

*ବିବିଧା ପୃଷ୍ଠାରେ ସ୍ଥାନିତ 'ଟ୍ୟାକ୍ସି ଛାତ ଉପରେ ଚାଷ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପାରା ଜିଉଁଛନ୍ତି ଅୟସ ଜୀବନ', 'ସବୁଠୁ ଲମ୍ବା ପିଜା' ଏବଂ 'ଆଇସ୍‌କ୍ରିମ୍ ଚାଖିବା ପାଇଁ କୋଟି କୋଟି ଟଙ୍କା ଦରମା' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା। ସେହିପରି କାର୍ଟୁନ କର୍ନର ବି ଖୁବ୍ ମଜାଦାର ହୋଇଥିଲା।

*-ଗୀତାଞ୍ଜଳି ମିଶ୍ର, ହରେକୃଷ୍ଣପୁର, ପୁରୀ*

### ବିଶେଷ ଚିଠି




ଛୁଟିଦିନ ଆହେ ଛୁଟିଦିନ
ରବିବାରେ ହୁଏ ତୁମ ଆଗମନ
ଷୋହଳ ପୃଷ୍ଠାରେ ତୁମେ ଆସ
କରିନିଅ ସଭିଙ୍କୁ ବସ
ମନ କିଣିନିଏ ତୁମ ସୃଜନ
ତା'ସାଙ୍ଗକୁ ପୁଣି ସାଥୀର ନିଆରା ପ୍ରଶ୍ନ
ସିନେମା ପୃଷ୍ଠା ଲାଗେ ଅତି ଚମତ୍କାର
ହୃଦୟ ଛୁଇଁଯାଏ ପୁଣି ପ୍ରଥମ ରୋଜଗାର
ପ୍ରଭୁଙ୍କ ପାଖେ କରୁଛି ମୀନତି
ହୁଅନ୍ତୁ ସଦୟା ତୁମକୁ ଏମିତି।

*-ରାକେଶ ବଳିୟାର ସିଂ, ବରମୁଣ୍ଡା, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଏଇଠି ଚାଲେ ଏମାନଙ୍କ ରାଜୁତି

ପଶୁପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ରହିଛି ଅଭୟାରଣ୍ୟ ଆଉ ସେମାନଙ୍କୁ ଶିକାର ନ କରିବାକୁ ଜାରି କରାଯାଇଛି ଅନେକ ନିୟମକାନୁନ। ହେଲେ ଏମିତି ବି କିଛି ସ୍ଥାନ ଅଛି ଯେଉଁଠି ନା ଅଛି ଅଭୟାରଣ୍ୟ ନା ପ୍ରାଣୀ ଶିକାରକୁ ନେଇ ରହିଛି କିଛି ନିୟମ। ତଥାପି ସେଠାରେ ବେଶ୍ ସ୍ୱାଚ୍ଛନ୍ଦ୍ୟରେ ରହୁଛନ୍ତି ପଶୁପକ୍ଷୀ। କାହାରିକୁ ତାଙ୍କର ଡର ନାହିଁ କି ଖାଦ୍ୟ ପାଇଁ ସେମାନଙ୍କୁ କରିବାକୁ ପଡୁନାହିଁ ସଂଘର୍ଷ। କାରଣ ସେମାନଙ୍କୁ ଆରାମରେ ଖାଦ୍ୟ ମିଳିଯାଉଛି, ଏପରିକି କିଛି ଜାଗାରେ ସ୍ଥାନୀୟ ଲୋକେ ସେମାନଙ୍କର ସବୁଭଲ ମନ୍ଦ ବୁଝୁଛନ୍ତି। ଆଉ ସ୍ନେହ ଭଲପାଇବା ଦେଇ ସେମାନଙ୍କର ବଂଶ ବୃଦ୍ଧି କରାଇବାକୁ କରୁଛନ୍ତି ପ୍ରୟାସ। ତେଣୁ ସେମାନେ ଡର ଭୟ ଛାଡ଼ି ସେଠାରେ ଯେମିତି କରିଚାଲିଛନ୍ତି ରାଜୁତି।

**କ୍ରିସ୍ମସ୍ ଆଇଲାଣ୍ଡ:** ଅଷ୍ଟ୍ରେଲିଆର ସୀମାରେ ରହିଛି ଏହି ଦ୍ୱୀପ। ଉକ୍ତ ଦ୍ୱୀପର ବିଶେଷତ୍ୱ ହେଉଛି, ପ୍ରତିବର୍ଷ ଅକ୍ଟୋବର ନଭେମ୍ବର ମାସରେ ଏଠାରେ ଦେଖିବାକୁ ମିଳନ୍ତି ଲକ୍ଷ ଲକ୍ଷ ସଂଖ୍ୟାର ଏକ ସ୍ୱତନ୍ତ୍ର ଲାଲ୍ ରଙ୍ଗର କଙ୍କଡ଼ା। ଏହି ସମୟ ସେମାନଙ୍କର ପ୍ରଜନନ ସମୟ ହୋଇଥାଏ। ସେଥିପାଇଁ ସେମାନେ ଦଳବଦ୍ଧ ହୋଇ ଏହି ଦ୍ୱୀପର ଗୋଟିଏ ପାର୍ଶ୍ୱରେ ଥିବା ଜଙ୍ଗଲରୁ ବାହାରି ଅନ୍ୟ ପାର୍ଶ୍ୱରେ ଥିବା ଭାରତ ମହାସାଗରକୁ ଯାଇଥାନ୍ତି ଆଉ ପ୍ରଜନନ ପରେ ସେମାନେ ପୁନର୍ବାର ଜଙ୍ଗଲକୁ ଫେରି ଆସନ୍ତି। କାରଣ ସେମାନେ ପାଣି ଅପେକ୍ଷା ଶୁଖିଲା ସ୍ଥାନରେ ଜଙ୍ଗଲ ପରିବେଶରେ ରହିବାକୁ ଅଧିକ ପସନ୍ଦ କରିଥାନ୍ତି। ଅନ୍ୟପକ୍ଷେ ସେମାନଙ୍କ ଛୁଆମାନେ ଅଣ୍ଡାରୁ ଫୁଟି ସ୍ଥଳଭାଗରେ ରହିବା ଉପଯୋଗୀ ହୋଇଗଲେ ସେମାନେ ମଧ୍ୟ କିଛିଦିନ ପରେ ଜଙ୍ଗଲକୁ ଚାଲିଆସନ୍ତି; ଯଦ୍ୱାରା ସେହି ସମୟରେ ଏହି ଦ୍ୱୀପର ଯୁଆଡ଼େ ଚାହିଁବେ ସିଆଡ଼େ ଖାଲି ଏହି ଲାଲ୍ ରଙ୍ଗର କଙ୍କଡ଼ା ହିଁ ଦେଖାଯାଇଥାନ୍ତି; ସତେ ଯେମିତି ଏଠାରେ କଙ୍କଡ଼ାର ଚାଦର ବିଛେଇ ହୋଇଛି! ରାସ୍ତାଘାଟରୁ ଆରମ୍ଭ କରି ଜଙ୍ଗଲ, ଘର, ରେଷ୍ଟୁରାଣ୍ଟ, ବାର୍, ବସ୍‌ଷ୍ଟପ୍ ସବୁଠି ଯେପରି ଏମାନଙ୍କର ରାଜୁତି ଚାଲିଛି। ତେବେ ସେମାନଙ୍କର ଯେମିତି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ସେମାନଙ୍କ ପ୍ରଜନନ ସମୟ ପାଖେଇ ଆସିଲେ ଏହି ଦ୍ୱୀପର ସ୍ଥାନେ ସ୍ଥାନେ ସ୍ଥାନୀୟ ସରକାରଙ୍କ ତରଫରୁ ଗାଡ଼ି ଧୀରେ ଚଳାଇବା ପାଇଁ ନୋଟିସ୍ ବୋର୍ଡ ଲଗାଇ ଦିଆଯାଇଥାଏ। ଏପରି କି ଦରକାର ପଡ଼ିଲେ ରାସ୍ତାରେ ଗାଡ଼ିମୋଟର ଯିବାକୁ ମଧ୍ୟ ବନ୍ଦ କରିଦିଆଯାଏ। ସ୍ଥାନୀୟ ଲୋକେ ବି ଉକ୍ତ କଙ୍କଡ଼ାଙ୍କୁ ନେଇ ବେଶ୍ ସଚେତନ ରହିଥାନ୍ତି। ଆବଶ୍ୟକ ହେଲେ କେହି କେହି କଙ୍କଡ଼ାଙ୍କୁ ରାସ୍ତା ପାର୍ ହେବାରେ ବି ସାହାଯ୍ୟ କରିଦିଅନ୍ତି। ତେବେ ପ୍ରାୟ ୧୩୫ ବର୍ଗ କି.ମି କ୍ଷେତ୍ରଫଳ ପରିବ୍ୟାପ୍ତ ଏହି ଦ୍ୱୀପରେ ମାତ୍ର ଦୁଇ ହଜାର ଲୋକ ରହୁଥିଲେ ହେଁ କଙ୍କଡ଼ାଙ୍କର ଏଭଳି ଅଜବ କାରନାମାକୁ ଦେଖିବା ପାଇଁ ପ୍ରତିବର୍ଷ ଅକ୍ଟୋବରରୁ ଡିସେମ୍ବର ଭିତରେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମୁଥିବା ଦେଖିବାକୁ ମିଳିଥାଏ।

**ପଶୁପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ରହିଛି ଅଭୟାରଣ୍ୟ ଆଉ ସେମାନଙ୍କୁ ଶିକାର ନ କରିବାକୁ ଜାରି କରାଯାଇଛି ଅନେକ ନିୟମକାନୁନ। ହେଲେ ଏମିତି ବି କିଛି ସ୍ଥାନ ଅଛି ଯେଉଁଠି ନା ଅଛି ଅଭୟାରଣ୍ୟ ନା ପ୍ରାଣୀ ଶିକାରକୁ ନେଇ ସେଠାରେ ରହିଛି କିଛି ନିୟମ। ବରଂ ଏଠାରେ ଏମାନଙ୍କର ହିଁ ରାଜୁତି ଚାଲିଛି...**

**କ୍ୟାଟ୍ ଆଇଲାଣ୍ଡ:** କ୍ୟାଟ୍ ବା ବିଲେଇଙ୍କୁ ପସନ୍ଦ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଏକ ଖୁସି ଖବର। କାରଣ ଜାପାନରେ ସେମାନଙ୍କ ପାଇଁ ରହିଛି ଏମିତି ତିନୋଟି ଆଇଲାଣ୍ଡ ବା ଦ୍ୱୀପ; ଯେଉଁଠାରେ ସେମାନେ ଗୋଟିଏ କି ଦୁଇଟି ନୁହଁ, ଶହ ଶହ ସଂଖ୍ୟାରେ ବିଲେଇଙ୍କୁ ଦେଖିବାର ସୁଯୋଗ ପାଇପାରିବେ। ସେଇଥିପାଇଁ ତ ଉକ୍ତ ଦ୍ୱୀପଗୁଡ଼ିକ କ୍ୟାଟ୍ ଆଇଲାଣ୍ଡ ଭାବେ ବି ପରିଚିତ।











ସେହି ତିନୋଟି ଦ୍ୱୀପର ନାଁ ହେଉଛି ଆଓଶିମା, ତାଶିରୋଜିମା ଏବଂ ମାନାବେଶିମା। ଏହି ତିନୋଟି ଦ୍ୱୀପରେ ମୁଖ୍ୟତଃ ମତ୍ସଜୀବୀମାନେ ବସବାସ କରିଥାନ୍ତି। ଆଉ ସେମାନଙ୍କର ବିଶ୍ୱାସ ରହିଛି ଯେ, ବିଲେଇଙ୍କୁ ଖାଇବା ଦେଇ ସେମାନଙ୍କର ଭଲରେ ଯତ୍ନ ନେଲେ ବ୍ୟବସାୟରେ ଉନ୍ନତି ହେବା ସହ ପରିବାରରେ ସୁଖଶାନ୍ତି ବଜାୟ ରହିଥାଏ। ସେଥିପାଇଁ ବିଲେଇଙ୍କୁ ଏଠାକାର ଅଧିବାସୀ ଖୁବ୍ ସ୍ନେହରେ ଖାଇବା ପିଇବାକୁ ଦେଇ ପାଳିଥାନ୍ତି; ଯଦ୍ୱାରା ଏଠାକାର ଜନସଂଖ୍ୟା ତୁଳନାରେ ବିଲେଇଙ୍କ ସଂଖ୍ୟା ଅଧିକ ରହିଥିବାର ଦେଖିବାକୁ ମିଳିଥାଏ। ସେହିପରି ଆଉ କେହି କେହି କୁହନ୍ତି, ଏକଦା ଏହି ଦ୍ୱୀପରେ କୁଆଡ଼େ ବହୁତ ମୂଷା ରହୁଥିଲେ। ସେହି ମୂଷାମାନଙ୍କୁ ମାରିବା ପାଇଁ ଏଠାରେ କିଛି ବିଲେଇଙ୍କୁ ଛଡ଼ା ଯାଇଥିଲା। ମୂଷା ସିନା ମରିଗଲେ ହେଲେ କ୍ରମେ ବିଲେଇଙ୍କର ବଂଶବୃଦ୍ଧି ହେଲା ଆଉ ସେମାନେ ଏହି ଦ୍ୱୀପରେ ଖାଇପିଇ ଆରାମରେ ବାଦ୍‌ଶାହା ଭଳି ରହିବାକୁ ଲାଗିଲେ। ତେବେ ସେ ଯାହା ବି ହେଉ ଏକଦା ପର୍ଯ୍ୟଟକଶୂନ୍ୟ ଥିବା ଏହି ଆଇଲାଣ୍ଡଗୁଡ଼ିକ ଖାସ୍ ଏହି ବିଲେଇଙ୍କ ପାଇଁ ଭିନ୍ନ ପରିଚିତି ପାଇଛି, ଏଥିରେ ସନ୍ଦେହ ନାହିଁ।

**ମିୟାଜିମା ଆଇଲାଣ୍ଡ:** ଜାପାନରେ ରହିଛି ଏହି ଦ୍ୱୀପଟି। ଏହା ଇତ୍ସୁକୁଶିମା ନାମରେ ମଧ୍ୟ ପରିଚିତ। ଶାନ୍ତ ପରିବେଶରେ ଭରା ଏହି ଦ୍ୱୀପଟିରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ତନ୍ମଧ୍ୟରୁ ପର୍ଯ୍ୟଟକଙ୍କୁ ସବୁଠୁ ବେଶି ଯାହା ଆକୃଷ୍ଟ କରିଥାଏ ତାହା ହେଉଛି ଏହି ଦ୍ୱୀପରେ ଆରାମରେ ବିଚରଣ କରୁଥିବା ଶହ ଶହ ସଂଖ୍ୟାରେ ହରିଣମାନେ। ଖୁବ୍ ଶାନ୍ତ ସ୍ୱଭାବର ଏହି ହରିଣମାନଙ୍କୁ ସ୍ନେହ କରିବା କିମ୍ବା ସେମାନଙ୍କ ସହ ଫଟୋ ଉଠାଇବାରେ କିଛି ଅସୁବିଧା ହୁଏ ନାହିଁ ଏଠାରେ। ହେଲେ ପର୍ଯ୍ୟଟକମାନେ ହରିଣଙ୍କୁ ଖାଇବାକୁ ନ ଦେବାକୁ କଡ଼ା ନିୟମ ରହିଛି ଏଠାରେ। କାରଣ ଉକ୍ତ ହରିଣଙ୍କୁ ସ୍ଥାନୀୟ ଅଞ୍ଚଳର କଅଁଳ ଘାସ ହେଉ ଅବା ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେଉଥିବା ଖାଦ୍ୟ ହିଁ କେବଳ ଖାଇବାକୁ ଦିଆଯାଇଥାଏ। ବାହାର ଖାଦ୍ୟ ସହ ସେମାନେ ଆଦୌ ପରିଚିତ ନୁହନ୍ତି। ଏହାକୁ ଖାଇଲେ କାଳେ ସେମାନଙ୍କର ସ୍ୱାସ୍ଥ୍ୟ ଖରାପ ହେବ ସେଥିପାଇଁ ଖାଦ୍ୟ ନ ଦେବାକୁ ଏଠାରେ ନିୟମ ରହିଛି।

**ସାଣ୍ଟିଆଗୋ ଦ୍ୱୀପ:** ଆମେରିକାର ସୀମାକୁ ଲାଗି ରହିଥିବା ପ୍ୟୁର୍ଟୋ ରିକୋରେ ରହିଛି ଏହି ଦ୍ୱୀପଟି। ଏହା କାୟୋ ସାଣ୍ଟିଆଗୋ ନାମରେ ବି ପରିଚିତ। ଏହି ଦ୍ୱୀପର ମୁଖ୍ୟ ଆକର୍ଷଣ ହେଉଛି ମାଙ୍କଡ଼। ସେଥିପାଇଁ ଅନେକେ ଏହାକୁ ମାଙ୍କଡ଼ଙ୍କର ଦ୍ୱୀପ ବୋଲି ବି କହିଥାନ୍ତି। ସୂଚନାନୁଯାୟୀ, ପ୍ରାୟ ୩୭.୫ ଏକର ବିଶିଷ୍ଟ ଏହି ଦ୍ୱୀପରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ରିସସ୍ ମକାକ୍ ପ୍ରଜାତିର ମାଙ୍କଡ଼ ବସବାସ କରୁଥିବାର ଦେଖିବାକୁ ମିଳିଥାଏ। କିନ୍ତୁ ଏହି ଦ୍ୱୀପ ମଧ୍ୟକୁ ଯିବାପାଇଁ କୌଣସି ପର୍ଯ୍ୟଟକଙ୍କୁ ଅନୁମତି ଦିଆଯାଏ ନାହିଁ। କେବଳ ଗବେଷଣା କରିବାକୁ ଅଳ୍ପ କିଛି ସମୟ ପାଇଁ ଗବେଷକମାନଙ୍କୁ ଏଠାକୁ ଯିବାକୁ ଅନୁମତି ରହିଛି। ତା'ଛଡ଼ା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଉକ୍ତ ମାଙ୍କଡ଼ଙ୍କୁ ଖାଇବା ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ବୋଟ୍ ଯୋଗେ ଖାଦ୍ୟ ପଠାଯିବାର ବ୍ୟବସ୍ଥା ମଧ୍ୟ ଏଠାରେ କରାଯାଇଛି।

**ରାବିଟ୍ ଆଇଲାଣ୍ଡ:** ଜାପାନରେ ଓକୁନୋଶିମା ନାମରେ ଏମିତି ଏକ ଦ୍ୱୀପ ରହିଛି, ଯେଉଁଠାରେ ଶହ ଶହ ସଂଖ୍ୟାରେ ଠେକୁଆ ବେଶ୍ ଆରାମରେ ଏଣେତେଣେ ବିଚରଣ କରୁଥିବାର ଦେଖିବାକୁ ମିଳିଥାନ୍ତି। ଲୋକଙ୍କୁ ଦେଖିଲେ ପାଖକୁ ଧାଇଁ ଆସି ଗେହ୍ଲେଇ ହେବା, ସେମାନଙ୍କ ହାତରୁ ଖାଦ୍ୟ ଖାଇବାରେ ସେମାନେ ମହା ଆନନ୍ଦ ପାଇଥାନ୍ତି। ପର୍ଯ୍ୟଟକ ବି ସେମାନଙ୍କ ମେଳରେ ରହି ଫଟୋ ଉଠାଇବାରେ ପାଇଥାନ୍ତି ଖୁବ୍ ଆନନ୍ଦ। ମୁଖ୍ୟତଃ ଠେକୁଆଙ୍କର ରାଜୁତି ଏହି ଦ୍ୱୀପରେ ଚାଲୁଥିବାରୁ ଏହା ଠେକୁଆଙ୍କ ଦ୍ୱୀପ ଭାବେ ବି ଲୋକମୁଖରେ ପରିଚିତ। ତେବେ ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏଠାରେ ଦେଖିବାକୁ ମିଳୁଥିବା ଠେକୁଆମାନେ ପ୍ରକୃତରେ ଏଠାକାର ନୁହନ୍ତି। ଆଜକୁ ବହୁ ବର୍ଷ ତଳେ, ବାହାରୁ କିଛି ଠେକୁଆଙ୍କୁ ଆଣି ସେମାନଙ୍କ ଉପରେ କେମିକାଲ୍ ଟେଷ୍ଟ କରିବାକୁ ଏଠାରେ ରଖାଯାଇଥିଲା। ସେଥିରୁ ୬/୭ଟି ଠେକୁଆ କୁଆଡ଼େ ବଞ୍ଚି ଯାଇଥିଲେ। ଆଉ ସେହିମାନେ ହିଁ କ୍ରମେ ଏଠାରେ ବଂଶବିସ୍ତାର କରି ଏତେ ବଡ଼ ଠେକୁଆ ସାମ୍ରାଜ୍ୟ ସୃଷ୍ଟି କରିଛନ୍ତି ବୋଲି ଲୋକମୁଖରେ ଶୁଣିବାକୁ ମିଳୁଛି।

**ସ୍ନେକ୍ ଆଇଲାଣ୍ଡ:** ବ୍ରାଜିଲରେ ରହିଛି ଏହି ଅଦ୍ଭୁତ ଦ୍ୱୀପଟି। ଅଦ୍ଭୁତ ଏଇଥିପାଇଁ ଯେ, କାରଣ ଏହି ଦ୍ୱୀପର ଯୁଆଡ଼େ ଚାହିଁବେ ସିଆଡ଼େ ବିଭିନ୍ନ ପ୍ରଜାତିର ସାପଙ୍କୁ ହିଁ କେବଳ ଦେଖିବେ। ତେଣୁ ଏହି ଦ୍ୱୀପଟିର ପ୍ରକୃତ ନାମ ଇଲାହା ଦା କ୍ୟୁଇମାଦା ଗ୍ରାଣ୍ଡେ ହୋଇଥିଲେ ହେଁ ଲୋକମୁଖରେ ଏହା ସ୍ନେକ୍ ଆଇଲାଣ୍ଡ ବା ସାପଙ୍କର ଦ୍ୱୀପ ଭାବେ ବେଶ୍ ପରିଚିତ। ଦୁନିଆର ସବୁଠାରୁ ବିଷଧର ସାପଠାରୁ ଆରମ୍ଭ କରି ଉଡିବାର କ୍ଷମତା ଥିବା ସାପଙ୍କୁ ବି ଏହି ଦ୍ୱୀପରେ ଦେଖିବାକୁ ମିଳିଥାଏ। ସେଥିପାଇଁ ଏହି ଦ୍ୱୀପ ନିକଟକୁ ଯିବାପାଇଁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଥାଏ।

**ବ୍ରାଉନ୍‌ସି ଆଇଲାଣ୍ଡ:** ଇଂଲଣ୍ଡର ଡୋରସେଟଠାରେ ରହିଛି ଏହି ଦ୍ୱୀପଟି। ତେବେ ଏହି ଦ୍ୱୀପର ମୁଖ୍ୟ ବିଶେଷତ୍ୱ ହେଉଛି ଏଠାରେ ଦେଖିବାକୁ ମିଳୁଥିବା ସାମାନ୍ୟ ନାଲି ରଙ୍ଗର ଗୁଣ୍ଡୁଚିମୂଷା। ଏହି ସ୍ୱତନ୍ତ୍ର ପ୍ରଜାତିର ଗୁଣ୍ଡୁଚିମୂଷାଙ୍କୁ ସୁରକ୍ଷା ଦେବା ପାଇଁ ଏଠାରେ କରାଯାଇଛି ଅନେକ ବ୍ୟବସ୍ଥା। ଶହ ଶହ ସଂଖ୍ୟାର ଏହି ଗୁଣ୍ଡୁଚିମୂଷା ଉକ୍ତ ଦ୍ୱୀପ ମଧ୍ୟରେ ବେଶ୍ ଆରାମରେ ବୁଲିବାର ଦୃଶ୍ୟକୁ ଯିଏ ଦେଖିବେ ସିଏ କ୍ଷଣିକ ପାଇଁ ମନ୍ତ୍ରମୁଗ୍ଧ ହୋଇପଡ଼ିବେ। ସେଥିପାଇଁ ଏଠାରେ ପ୍ରାୟ ସମୟ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ।

**ଶିଲ୍ ଆଇଲାଣ୍ଡ:** ଦକ୍ଷିଣ ଆଫ୍ରିକାରେ ରହିଛି ଏହି ଲୋକପ୍ରିୟ ଶିଲ୍ ଆଇଲାଣ୍ଡ। ଏହାର ଏପରି ନାମକରଣ ହୋଇଛି ଏଇଥିପାଇଁ କାରଣ ଏଠାରେ ହଜାର ହଜାର ସଂଖ୍ୟାର ଶିଲ୍‌ଙ୍କୁ ଏକତ୍ର ଦେଖିବାକୁ ମିଳିଥାଏ। ପ୍ରାୟ ୫ ଏକର ପରିସୀମା ପରିବ୍ୟାପ୍ତ ଏହି ଦ୍ୱୀପରେ କେବଳ ଶିଲ୍ ଦେଖାଯାଇଥାନ୍ତି ତା'ନୁହେଁ, ଅନେକ ସି ବାର୍ଡ ମଧ୍ୟ ଏଠାରେ ଦେଖିବାକୁ ମିଳିଥାନ୍ତି।

**ରୁଣ୍ଡେ ବାର୍ଡ ଆଇଲାଣ୍ଡ:** ନରୱେରେ ରହିଛି ଏହି ଦ୍ୱୀପଟି। ମୁଖ୍ୟତଃ ବିଭିନ୍ନ ପ୍ରଜାତିର ସି-ବାର୍ଡଙ୍କ ପାଇଁ ଏହି ଆଇଲାଣ୍ଡଟି ପ୍ରସିଦ୍ଧ। ସୂଚନାନୁଯାୟୀ, ଏହି ଦ୍ୱୀପରେ ଅତି ବେଶୀରେ ଶହେ ପାଖାପାଖି ଲୋକ ବସବାସ କରୁଥିବାବେଳେ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ସି-ବାର୍ଡ ଏଠାରେ ଦେଖିବାକୁ ମିଳିଥାନ୍ତି। ତନ୍ମଧ୍ୟରୁ ଆଟ୍‌ଲାଣ୍ଟିକ୍ ପଫିନ୍ ପକ୍ଷୀ ହିଁ ଏଠାରେ ସବୁଠୁ ଅଧିକ ପରିମାଣରେ ଦେଖାଯାଇଥାନ୍ତି। କହିବାକୁ ଗଲେ ଏହି ପକ୍ଷୀଙ୍କର ଏଠାରେ ଯେମିତି ରାଜୁତି ଚାଲିଛି। ଖାସ୍ ସେଥିପାଇଁ ପକ୍ଷୀପ୍ରେମୀଙ୍କର ଏଠାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ।

**ବିଲୁଆଙ୍କ ଗାଁ:** ଜାପାନରେ ରହିଛି ମିୟାଗି ଜାଓ ଫକ୍ସ ଭିଲେଜ୍ ନାମରେ ଏକ ଗାଁ, ଯେଉଁଠାରେ ଶହ ଶହ ସଂଖ୍ୟାର ବିଲୁଆ ମୁକ୍ତଭାବେ ଏଣେ ତେଣେ ବୁଲୁଥିବାର ଦେଖିବାକୁ ମିଳିଥାଏ। ସ୍ଥାନୀୟ ଲୋକେ ସେମାନଙ୍କୁ ଖୁବ୍ ସ୍ନେହରେ ପାଳିଥାନ୍ତି। ସେମାନଙ୍କ ସହ ଖେଳିବା, ସେମାନଙ୍କର ଯତ୍ନ ନେବା ସହିତ ତାଙ୍କୁ ଖାଇବାକୁ ଦେବାରେ ସେମାନେ ପାଇଥାନ୍ତି ଅପାର ଆନନ୍ଦ। ସତେ ଯେମିତି ଏହି ବିଲୁଆମାନେ ତାଙ୍କର ନିଜର କେହି। ଏହି ଦୃଶ୍ୟକୁ ଯିଏ ଦେଖିବେ ସିଏ ଭାବିବେ ଏହା ଏକ ବିଲୁଆ ଅଭୟାରଣ୍ୟ ବୋଲି। କିନ୍ତୁ ପ୍ରକୃତରେ ତାହା କୌଣସି ଅଭୟାରଣ୍ୟ ନୁହେଁ ବରଂ ଏକ ମୁକ୍ତ ଗାଁ; ଯେଉଁଠାରେ ବିଲୁଆମାନେ ମହା ଆନନ୍ଦରେ ବିଚରଣ କରିଥାନ୍ତି। ଆଉ ନିକଟସ୍ଥ ଗାଁ ଲୋକେ ସେମାନଙ୍କୁ ଖୁବ୍ ଭଲ ପାଇଥାନ୍ତି। ଆଉ ସେହି ସ୍ନେହ ପ୍ରେମରେ ବାନ୍ଧି ହୋଇ ବିଲୁଆମାନେ ବି ସତେ ଯେମିତି ସେଠାକାର ବାସିନ୍ଦା ପାଲଟି ଯାଇଛନ୍ତି। ତେବେ କେବଳ ସ୍ଥାନୀୟ ବାସିନ୍ଦା ନୁହେଁ, ଏବେ ପର୍ଯ୍ୟଟକମାନେ ବି ଉକ୍ତ ଗାଁକୁ ଯାଇ ବିଲୁଆଙ୍କ ସହ ଫଟୋ ଉଠାଇବା ସହିତ ଖାଇବାକୁ ଦେଉଥିବାର ନଜର ବି ଦେଖିବାକୁ ମିଳୁଛି। କିନ୍ତୁ କାଳେ କିଛି ଅଘଟଣ ଘଟିଯିବ କିମ୍ବା ବିଲୁଆମାନେ ଅଚିହ୍ନା ଲୋକଙ୍କୁ ଦେଖି ଡରିକି ହୁଏତ କାମୁଡ଼ିଦେବେ ସେଥିପାଇଁ ସେମାନଙ୍କର ଖୁବ୍ ନିକଟକୁ ନ ଯିବା ପାଇଁ ଏଠାରେ ସତର୍କ ସୂଚନା ଜାରି କରାଯାଇଛି।

ଶେଷରେ କେବଳ ଏତିକି କୁହାଯାଇପାରେ ଯେ, ସ୍ନେହପ୍ରେମରେ ଏ ଦୁନିଆ ବନ୍ଧା। ଏଥିରୁ ପଶୁପକ୍ଷୀ ବା ବାଦ୍ ଯିବେ କେମିତି। ସେଥିପାଇଁ ତ ଗଢି ଉଠିଛି ଏମିତି କିଛି ସ୍ଥାନ ଯେଉଁଠାରେ ମୁକ୍ତଭାବେ ପଶୁପକ୍ଷୀମାନେ କରୁଛନ୍ତି ରାଜୁତି ଆଉ ଦୁନିଆକୁ ଦେଉଛନ୍ତି କିଛି ନିଆରା ବାର୍ତ୍ତା।

-ଅନ୍ୱିତା ମିଶ୍ର









# ମିସ୍‌ମ୍ୟାଚ୍ ସୁଜ୍ ଟ୍ରେଣ୍ଡ

**ରାସ୍ତାରେ ଗଲାବେଳେ ଯଦି କାହାକୁ ଦୁଇ ପାଦରେ ଭିନ୍ନ ଭିନ୍ନ ପ୍ରକାରର ସୁଜ୍ ତଥା ସ୍ୟାଣ୍ଡେଲ ପିନ୍ଧିଥିବା ଦେଖନ୍ତି ତେବେ ତାଙ୍କ କାନରେ ଫୁସ୍ ଫୁସ୍ ହେଇ କହିବେନି ଯେ, ଆପଣ ଭୁଲ୍‌ରେ ଅଲଗା ଅଲଗା ପ୍ରକାରର ଜୋତା ପିନ୍ଧିଛନ୍ତି ବୋଲି। କାରଣ ଏବେ ଚାଲିଛି ମିସ୍‌ମ୍ୟାଚ୍ ସୁଜ୍‌ର ଟ୍ରେଣ୍ଡ। ଟ୍ରେଣ୍ଡି ଲୁକ୍ ଦେଉଥିବା ଏହି ଫ୍ୟାଶନ୍‌କୁ ସେଲିବ୍ରିଟିମାନେ ବେଶ୍ ଆପଣାଉଛନ୍ତି। ଆଉ ଏବେ ସାଧାରଣରେ ବି ଏହି ଫ୍ୟାଶନ୍ ଧୀରେ ଧୀରେ ସାମିଲ ହେବାକୁ ଲାଗିଲାଣି...**

**ଆରମ୍ଭ କେଉଁଠୁ:** ଫ୍ୟାଶନ କେବେ କେଉଁଠୁ ଆରମ୍ଭ ହୁଏ କହି ହୁଏନା। ତେବେ ମିସ୍‌ମ୍ୟାଚ୍ ଫ୍ୟାଶନ୍ ହଲିଉଡ୍‌ରୁ ଆସିଛି। ଯେତେବେଳେ କିଛି ସୁପର୍‌ମଡେଲ୍ ଏଭଳି ମିସ୍‌ମ୍ୟାଚ୍ ସୁଜ୍ ପିନ୍ଧି ର୍‌ୟାମ୍ପରେ ଚାଲିଲେ ଏହା ଫ୍ୟାଶନ୍ ଟ୍ରେଣ୍ଡରେ ପରିଣତ ହୋଇଗଲା। ଏହାପରେ ବଲିଉଡ୍‌ରେ ବି ଏହି ଟ୍ରେଣ୍ଡ ଦେଖିବାକୁ ମିଳିଲା। ଜେନେଲିୟା ଡି'ସୁଜାଙ୍କଠୁ ଆରମ୍ଭ କରି ଅନନ୍ୟା ପାଣ୍ଡେ, ବରୁଣ ଧୱନ ଏହି ମିସ୍‌ମ୍ୟାଚ୍ ସୁଜ୍ ଫ୍ୟାଶନ୍‌କୁ ଆପଣେଇଛନ୍ତି। ଆଉ ପାଇଛନ୍ତି ଟ୍ରେଣ୍ଡି ଲୁକ୍।

### କେମିତି ପିନ୍ଧିବେ

*ମିସ୍‌ମ୍ୟାଚ୍ ସୁଜ୍ ସହ ସିମ୍ପଲ ଲୁକ୍ ଭଲ ଲାଗେ। ଲୁକ୍ ଯେତେ ସିମ୍ପଲ୍ ହୁଏ ଆପଣ ସେତିକି ଷ୍ଟାଇଲିଶ୍ ଓ ସୁନ୍ଦର ଲାଗିବେ। ତେଣୁ ଅଧିକ ଆସେରିଜ୍ କ୍ୟାରି ନ କଲେ ଭଲ।

*ମିସ୍‌ମ୍ୟାଚ୍ ସୁଜ୍ ସବୁବେଳେ ଅପୋଜିଟ୍ କଲର୍ ଯେମିତି କି ଗୋଟିଏ ସୁଜ୍ ଧଳାରଙ୍ଗର ହେଲେ ଅନ୍ୟଟି ରେଡ୍ ଅବା ପିଙ୍କ କଲର୍‌ର ହେବା ଜରୁରୀ।

*ଷ୍ଟାଇଲ୍ ସମାନ କିନ୍ତୁ କଲର୍ ଭିନ୍ନ ଥିବା ମିସ୍‌ମ୍ୟାଚ୍ ସୁଜ୍ ଟ୍ରେଣ୍ଡି ଲୁକ୍ ଦିଏ। ହେଲେ ଭିନ୍ନ ଷ୍ଟାଇଲ୍ ଅର୍ଥାତ୍ ହିଲ୍ ସହ ସ୍ନିକର୍ ପିନ୍ଧିଲେ ହାସ୍ୟାସ୍ପଦ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ତେଣୁ କେବେ ବି ଭିନ୍ନ ଷ୍ଟାଇଲ୍‌ର ସୁଜ୍ ବାଛନ୍ତୁ ନାହିଁ।

*କେବଳ ସେତିକି ନୁହେଁ ମିସ୍‌ମ୍ୟାଚ୍ ସୁଜ୍ ଆପଣଙ୍କ ପୋଷାକ ସହ ଏଭଳି ମ୍ୟାଚ୍ ହେବା ଜରୁରୀ ଯେ, ତାହା ଫ୍ୟାଶନ୍ ବ୍ଲଣ୍ଡର୍ ଲାଗିବ ନାହିଁ।

* ଅଧିକ ପ୍ରିଣ୍ଟ ଥିବା ପୋଷାକ ସହ ସିମ୍ପଲ ମିସ୍‌ମ୍ୟାଚ୍ ଜୋତା ପିନ୍ଧନ୍ତୁ। ଆଉ ଗୋଟିଏ ଦୁଇଟି କଲର୍ ଥିବା ପୋଷାକରେ ଡ୍ରେସ୍ ରଙ୍ଗ ସହ ମ୍ୟାଚ୍ କରୁଥିବା ମିସ୍‌ମ୍ୟାଚ୍ ଜୋତା ଅବା ମଲ୍ଟି କଲର୍ ମିସ୍‌ମ୍ୟାଚ୍ ସୁଜ୍ ପିନ୍ଧିପାରିବେ।

* ମଡର୍ନ ଆଉଟ୍ ଫିଟ୍ ସହ ମିସ୍‌ମ୍ୟାଚ୍ ସୁଜ୍‌କୁ ପେୟାର୍ କଲେ ଭଲ ଲାଗେ। ଏଥ୍‌ନିକ୍ ତଥା ଟ୍ରାଡିଶନାଲ୍ ଗେଟ୍‌ଅପ୍‌ରେ ଏହା ଭଲ ଲାଗେ ନାହିଁ।

*ପ୍ରିଣ୍ଟ ଲଭର୍ ହୋଇଥିଲେ ଗୋଟିଏ ସୁଜ୍ ପୋଲ୍‌କା ଡଟ୍ ହେବାବେଳେ ଅନ୍ୟଟି ଷ୍ଟ୍ରାଇପ୍ ପ୍ୟାଟର୍ନର ପିନ୍ଧିପାରିବେ।

* ଲାଇଟ୍ କଲର୍ ପୋଷାକ ସହ ଡିପ୍ କଲର୍ ମିସ୍‌ମ୍ୟାଚ୍ ସୁଜ୍ କ୍ୟାରି କରିପାରିବେ।

* ମିସ୍‌ମ୍ୟାଚ୍ ଷ୍ଟ୍ରାଇପ୍ ସ୍ୟାଣ୍ଡେଲ ସହ ମିନି ଡ୍ରେସ୍, ନି' ଲେନ୍ଥ ଡ୍ରେସ୍ ଭଲ ଲାଗେ। ଏହି ଷ୍ଟାଇଲକୁ ବି ଆପଣେଇପାରିବେ।

* ଆଙ୍କେଲ ଲେନ୍ଥର ମିସ୍‌ମ୍ୟାଚ୍ ବୁଟ୍ ବେଶ୍ ଟ୍ରେଣ୍ଡି ଲୁକ୍ ଦିଏ। ଏହାକୁ ଜିନ୍ସ, ଟି-ସର୍ଟ, ମିନି ଡ୍ରେସ୍ ସହ ପେୟାର କରିପାରିବେ।













# ଜହୁରୀ ଭାଇ

ମଧୁବାବୁଙ୍କ ମହାବାଣୀ 'ପରାର୍ଥେ ପ୍ରାଜ୍ଞ ଜୀବନ' ହେଉଛି ତାଙ୍କ ଜୀବନର ମୂଳମନ୍ତ୍ର। ଏଭଳି ଗୋଟେ ଦିନ ବିତି ନ ଥିବ ସେ ଯେଉଁଦିନ କାହା ଦୁଃଖରେ ଦୁଃଖୀ ହୋଇ ନ ଥିବେ। ସେ ହେଲେ ଓଡ଼ିଶାର ଘରେ ଘରେ ସୁପରିଚିତ ପ୍ରଜାତନ୍ତ୍ରର ଶିଶୁପତ୍ରିକା ମୀନାବଜାରର ଜହୁରୀ ଭାଇ। ସେବା ଓ ସାହିତ୍ୟ କ୍ଷେତ୍ରରେ ଏକ ଆଦରଣୀୟ ନାମ ନୃସିଂହ ଚରଣ ସାହୁ। ନିଜ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଗୌରବାନ୍ୱିତ କରିଥିବା ଓଡ଼ିଶାର ଦୁଇ ମହାନାୟକ ପିତୃ ପ୍ରତିମ ଡକ୍ଟର ହରେକୃଷ୍ଣ ମହତାବ ଓ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ପ୍ରେରଣା ପାଇ ଦୀର୍ଘ ୫୮ ବର୍ଷ ଧରି ଶିକ୍ଷା, ସାହିତ୍ୟ, ବିଜ୍ଞାନ, କଳା, ସମାଜସେବା, ସ୍ୱାଧୀନତା ସଂଗ୍ରାମ, ପର୍ଯ୍ୟଟନ ଓ ରାଜନୀତି କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶାର ୫ହଜାର ବରପୁତ୍ରଙ୍କ ଜୀବନୀକୁ ନେଇ 'ଆମେ ଓଡ଼ିଆ' ନାମକ ୯ ଖଣ୍ଡ ଗ୍ରନ୍ଥ ରଚନା କରି ଉତ୍କଳର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ତାଙ୍କ ଜନ୍ମ ୧୯୪୫, ଏପ୍ରିଲ ୧୧ ତାରିଖ ଯାଜପୁର ଜିଲାର ନରସିଂହପୁର ଗ୍ରାମରେ। ପିତା ପଞ୍ଚାନନ ସାହୁ ଓ ମା' ଲାବଣ୍ୟ ଦେଇ। ନୃସିଂହ କିନ୍ତୁ ଜନ୍ମର ତୃତୀୟ ବର୍ଷ ମାତାଙ୍କୁ ଓ ଅଷ୍ଟମ ବର୍ଷରେ ପିତାଙ୍କୁ ହରେଇ ଅନାଥ ହୋଇଗଲେ । ଖାଲି ସେତିକି ନୁହେଁ ଚତୁର୍ଥ ଶ୍ରେଣୀରେ ପଢ଼ିବାବେଳେ ଏକ ଶଗଡ଼ ଦୁର୍ଘଟଣାରେ ତାଙ୍କ ମୁଣ୍ଡ ଉପରେ ଶଗଡ଼ ଚକା ଚଢ଼ିଗଲା। ହଠାତ ତାଙ୍କ ପିଉସା ସେହି ରକ୍ତ ଜୁଡୁବୁଡୁ ବାଳକଟିକୁ ନେଇ ଡାକ୍ତରଖାନା ଧାଇଁଲେ । ମଫସଲ ହରିପୁର ଗାଁର ଡାକ୍ତରଖାନାରେ ନିଶ୍ଚେତକ କିମ୍ବା ଅସ୍ତ୍ରୋପଚାର ଉପକରଣ ନ ଥିଲେ ସୁଦ୍ଧା ଡାକ୍ତରବାବୁ ଅବନୀ ବନ୍ଧୁ ମଜୁମଦାର ଏବଂ ସହକାରୀ ସାଧୁ ଚରଣ ପଣ୍ଡା ମାଡିବସି ଫଟା ମୁଣ୍ଡଟିକୁ ଦୁଇସ୍ଥାନରେ ସିଲେଇ କରିଦେଲେ । ସେତେବେଳେ ବିକଳ ହୋଇ କାନ୍ଦୁଥିବା ବେଳେ ସେ ଆଶ୍ୱାସନା ଦେଇ କହୁଥିଲେ– 'ଏତେ ବଡ଼ ବିପଦରୁ ରକ୍ଷା ପାଇଗଲ ଖୁବ ବଡ଼ଲୋକ ହେବ ଏବଂ ଦେଶ ଓ ଜାତିର ମୁଖ ଉଜ୍ଜ୍ୱଳ କରିବ ।' ଏହା ପରେ ତାଙ୍କୁ ଦେଖିବାକୁ ଆସୁଥିବା ଶିକ୍ଷକମାନେ ମଧ୍ୟ ବାରମ୍ବାର ସେଇକଥା କହିବାକୁ ଲାଗିଲେ । ସେହିଦିନଠାରୁ ତାଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି ହେଲା ଯେ, ସେ ସମାଜର କିଛି ନା କିଛି ଉପକାରରେ ଲାଗିବେ ।

ସେତେବେଳେ ଘରେ ଘୋର ଦାରିଦ୍ର୍ୟ। ମାଇନର ବୃତ୍ତି ପାଇଥିବା ସତ୍ତ୍ୱେ ପଢ଼ାପଢ଼ିର ସୁବିଧା ହେଉ ନ ଥିଲା । ଏହି ସମୟରେ ଦେବଦୂତ ଭଳି ସହାୟତାର ହାତ ବଢ଼ାଇ ଦେଲେ ସ୍ଥାନୀୟ ପୋଷ୍ଟମାଷ୍ଟର ଲକ୍ଷ୍ମୀକାନ୍ତ ଦାସ ଓ ତାଙ୍କ ଧର୍ମପତ୍ନୀ ଶିଶିରା ଦାସ । ନିଜ ଶିଶୁକନ୍ୟା ରୂପଶ୍ରୀକୁ ଘରୋଇ ଟିଉଶନ ପଢାଇବା ଆଳରେ ତାଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ ଓ ପଢ଼ାପଢ଼ିର ଯତ୍ନ ନେଇ ତାଙ୍କ ଭିତରେ ଉଚ୍ଚ ଆକାଂକ୍ଷା ସୃଷ୍ଟି କଲେ ।

ମାଟ୍ରିକ ପରୀକ୍ଷା ପରେ କଟକ ଆସିଥିବାବେଳେ ସାକ୍ଷାତ ହେଲା ଜ୍ଞାନ ମଣ୍ଡଳର ପ୍ରଣେତା ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ସହ । ସେ ତାଙ୍କର ଅସାଧାରଣ ଜ୍ଞାନ ଓ ସାହିତ୍ୟାନୁରାଗ ଲକ୍ଷ୍ୟ କରି ପ୍ରତିଶ୍ରୁତି ଦେଲେ ଜ୍ଞାନମଣ୍ଡଳ କାର୍ଯ୍ୟରେ ତାଙ୍କୁ ନିୟୋଜିତ କରିବେ । ମାଟ୍ରିକ ବୃତ୍ତି ପାଇ ସେ ରେଭେନ୍‌ସା କଲେଜରେ ପଢ଼ିଲେ ଏବଂ ପ୍ରତିଦିନ ରାତି ଆଠଟା ବେଳେ ୮ କିମି ଚାଲି ଚାଲି ଯାଇ ଜ୍ଞାନମଣ୍ଡଳ ଅଫିସରେ ଶୋଇପଡ଼ନ୍ତି। ରାତି ୩ ଟାରୁ ଉଠି ବିନୋଦ ବାବୁଙ୍କଠାରୁ ଜ୍ଞାନମଣ୍ଡଳ ପାଇଁ ଶ୍ରୁତି ଲିଖନ ନିଅନ୍ତି । ଏହିଠାରେ ତାଙ୍କ ଲେଖକୀୟ ପ୍ରତିଭାର ବିକାଶ ଘଟିଲା । ପ୍ରଥମ ବର୍ଷର ଛାତ୍ର ଥିବା ସତ୍ତ୍ୱେ 'ରେଭେନ୍ସା ଭିଆନ'ରେ ତାଙ୍କ ଲେଖା ପ୍ରକାଶ ପାଇଲା । ଲାଗ୍ ଲାଗ୍ ୨ ବର୍ଷ ଧରି ନୂତନ ଛାତ୍ରାବାସର ମୁଖପତ୍ର 'ପୂରବୀ'ର ସମ୍ପାଦକ ହେଲେ । ସେବାରେ ସେ ପାଉଥିଲେ ଅପାର ଆନନ୍ଦ । ୧୯୬୬ରେ କଳାହାଣ୍ଡିରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଲା। ସେ ନିଜର ୧୫ଜଣ ସହପାଠୀଙ୍କୁ ନେଇ ସେଠାରେ ରିଲିଫ ଚାଉଳକୁ ରନ୍ଧେଇ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କୁ ଖୁଆଇଲେ । ଏହା ପୂର୍ବରୁ ସେମାନେ କଞ୍ଚାଚାଉଳ ଖାଇଦେଇ ଜୀର୍ଣ୍ଣ ନ ହେବାରୁ ମୃତ୍ୟୁମୁଖରେ ପଡୁଥିଲେ । ସେ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା 'ସମାଜ' ଓ 'ପ୍ରଜାତନ୍ତ୍ର'ରେ ପ୍ରକାଶ କରେଇ ଶାସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଭାରତୀୟ ବିଦ୍ୟା ଭବନ ମୁମ୍ବାଇରେ ସାମ୍ବାଦିକତା ଅଧ୍ୟୟନ କରି ଡକ୍ଟର ମହତାବଙ୍କ ପରାମର୍ଶ କ୍ରମେ ପ୍ରଜାତନ୍ତ୍ରର ସହ ସମ୍ପାଦକ ଓ ମୀନାବଜାରର ଜହୁରୀ ଭାଇ ଦାୟିତ୍ୱ ଗ୍ରହଣ କରିଥିଲେ। ସେତେବେଳେ ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ପ୍ରତିଷ୍ଠିତ ହଜାର ହଜାର ମୀନାମଣ୍ଡଳୀକୁ ଯାଇ ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ୧୯୭୫ ମସିହାରେ ସାହୁଙ୍କର ପ୍ରଥମ ସାରସ୍ୱତ କୃତି 'ସେବକ ଶ୍ରେଷ୍ଠ ଲକ୍ଷ୍ମୀ ନାରାୟଣ' ପ୍ରକାଶ ପାଇଥିଲା ।

୧୯୭୬ ମସିହାରେ ସେ ଯୋଗ ଦିଅନ୍ତି ଏକ ଆନ୍ତର୍ଜାତିକ ସେବା ଅନୁଷ୍ଠାନରେ। ୧୯୮୫ରେ ବିଶ୍ୱର ସବୁଠାରୁ ଭୟାବହ ଦୁର୍ଭିକ୍ଷ ପୀଡ଼ିତଙ୍କ ସେବା ଓ ଥଇଥାନ ପାଇଁ ସାହୁ ପହଞ୍ଚିଥିଲେ ଆଫ୍ରିକାର ଇଥିଓପିଆ ରାଷ୍ଟ୍ରରେ। ଲକ୍ଷ ଲକ୍ଷ ବୁଭୁକ୍ଷୁ ଲୋକଙ୍କୁ ସେବା ଓ ସାହାଯ୍ୟ ଯୋଗାଇ ଦେଇ ସମଗ୍ର ଭାରତବର୍ଷରେ ସୁନାମ ଅର୍ଜନ କରିଥିଲେ । କିନ୍ତୁ ସାହିତ୍ୟ ଓ ସଂସ୍କୃତି ତାଙ୍କୁ ଅନ୍ୟତ୍ର କେଉଁଠି ବେଶି ଦିନ ବାନ୍ଧି ରଖିପାରି ନ ଥିଲା ।

ସେ ପୁନଶ୍ଚ ଫେରିଥିଲେ ସାହିତ୍ୟ ଜଗତକୁ। ୧୯୯୬ରେ ସେ ଡକ୍ଟର ହରେକୃଷ୍ଣ ମହତାବ ଫାଉଣ୍ଡେଶନ୍‌ର ସୌଜନ୍ୟ ସମ୍ପାଦକ ତଥା ପ୍ରଜାତନ୍ତ୍ରର ଉପଦେଷ୍ଟା ରହିବା ସହିତ ଓଡ଼ିଶା ସରକାରଙ୍କ 'ଶିଶୁ ଲେଖା'ର ସମ୍ପାଦନା ଦାୟିତ୍ୱ ନିର୍ବାହ କରିଥିଲେ। ଏହାପରେ ସେ ମନେପକାଇ ଥିଲେ ତାଙ୍କ ଗୁରୁ ବିନୋଦବାବୁଙ୍କ ଉପଦେଶ– 'ଓଡ଼ିଶାର ପାଞ୍ଚ ଶହ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନୀ ସ୍ଥାନିତ କରି ଏକ ବୃହତ ଗ୍ରନ୍ଥାବଳୀ ପ୍ରକାଶନ ନିମନ୍ତେ ।' ସାହୁ କିନ୍ତୁ ୫୦୦ ପରିବର୍ତ୍ତେ ୫୦୦୦ ବରପୁତ୍ରଙ୍କର ଜୀବନୀ ରଚନା କରି 'ଆମେ ଓଡ଼ିଆ' ନାମରେ ୯ ଭାଗରେ ପ୍ରକାଶ କରୁଛନ୍ତି । ଇତିମଧ୍ୟରେ ୮ ଭାଗ ପ୍ରକାଶ ପାଇସାରିଛି। ପ୍ରଥମ ଭାଗରେ ରହିଛି ଅତୀତ ଓଡ଼ିଶାର ଆଗଙ୍ଗା ଗୋଦାବରୀ ଜୟ କରିଥିବା ଓଡ଼ିଆ ସମ୍ରାଟମାନଙ୍କ କୀର୍ତ୍ତି କାହାଣୀ, ଓଡ଼ିଆ ଭାଷାକୁ ବଞ୍ଚାଇଥିବା ଏବଂ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିଥିବା ମହାନ୍ ନେତା ମଧୁବାବୁ, ଗୋପବନ୍ଧୁ, ଫକୀରମୋହନ, ରାଧାନାଥ ରାୟ, ଗୌରୀଶଙ୍କର ଓ ଗଙ୍ଗାଧର ମେହେରଙ୍କ ଭଳି ଯୁଗଜନ୍ମା ସୁପୁରୁଷଙ୍କ ଅମର ଗାଥା । ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଭାଗରେ ପାଖାପାଖି ୨୫୦୦ ସ୍ୱାଧୀନତା ସଂଗ୍ରାମୀ ( ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବାଜି ରାଉତ, ଲକ୍ଷ୍ମଣ ନାୟକ, ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକ ପ୍ରମୁଖ)ଙ୍କ ଜୀବନୀ ପ୍ରକାଶିତ। ସପ୍ତମ ଓ ଅଷ୍ଟମ ଭାଗରେ ମହାକବି ଜୟଦେବ, ଆଦିକବି ସାରଳା ଦାସଙ୍କଠାରୁ ଆରମ୍ଭକରି ବର୍ତ୍ତମାନ ସମୟର ସଚ୍ଚି ରାଉତରାୟ, ଗୋପୀନାଥ ମହାନ୍ତି ଓ ପ୍ରତିଭା ରାୟଙ୍କ ଭଳି ବହୁ ସାରସ୍ୱତ ସାଧକଙ୍କ ଫଟୋଚିତ୍ର ସହ ସେମାନଙ୍କ ସାଧନାର ଅମର କୃତି (ମୋଟ ୧୮୦୦)। ପ୍ରତି ଖଣ୍ଡରେ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କୌଣସି ସରକାରୀ ସାହାଯ୍ୟ ନ ପାଇ ନିଜର ବ୍ୟକ୍ତିଗତ ସମ୍ପତ୍ତି ବିକ୍ରିକରି ସେ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ତଥାପି ପତ୍ନୀ ସ୍ୱର୍ଗତା ଡକ୍ଟର କଳ୍ପନା ସାହୁ ଏଥିରେ ତାଙ୍କୁ ସହଯୋଗ କରିଆସିଥିଲେ । ଯେଉଁଥିପାଇଁ ସେ ଓଡ଼ିଶାର ବରପୁତ୍ରମାନଙ୍କୁ ଅମର କରିବା ପ୍ରଚେଷ୍ଟାରୁ କ୍ଷାନ୍ତ ହୋଇନାହାନ୍ତି । ଜୀବନର ସାୟାହ୍ନରେ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଓ ଆର୍ଥିକ ଦୁଃସ୍ଥିତିକୁ ଖାତିରି ନ କରି ଦିନକୁ ୧୮ ଘଣ୍ଟା ପରିଶ୍ରମ କରୁଥିବା ଜହୁରୀ ଭାଇ ଓଡ଼ିଶାବାସୀଙ୍କୁ ଦେବାକୁ ଚାହୁଁଛନ୍ତି ଏକ 'କ୍ଷୟହୀନ ଅକ୍ଷର କୋଣାର୍କ'ର ଉପହାର।

**–ପ୍ରିୟମ୍ବଦା ରଥ,** ହାଇଦ୍ରାବାଦ
ମୋ:୮୬୮୮୯୫୭୮୦୦










# ଦେବୀ

**-ଅମିୟ ବେକ୍**

ମାମା ପଚାରିଲେ – ନାଁ କଣ ?
ସେ' କହିଲା – ଦୁର୍ଗା ।
ଆମେ ସମସ୍ତେ ପରସ୍ପରକୁ ଚାହିଁ ହସିଲୁ। ସେ ଟିକେ ସଂକୁଚିତ ହୋଇପଡିଲା । ବିଦ୍ରୁପ କରିବା ଏକ କୌଶଳ, ଯେଉଁଠି ପ୍ରଥମରୁ ଜଣେ ବଶମ୍ବଦ ହୋଇପଡିବାକୁ ବାଧ୍ୟ ।
ମାମା ପୁଣି କହିଲେ –
– କେଉଁ କୋଣରୁ ତ ଦୁର୍ଗା ପରି ଲାଗୁନୁ ତୁ ? ଆଉ କିଛି ଅଲଗା ନାଁ ନାହିଁ ତୋ'ର ?
ସେ ଏଥର ଚଟାପଟ କହିଲା – ଅଛି , 'ଶଙ୍ଖ' ଡାକନ୍ତି ବି ମୋତେ ।
ବେବୀନା ସୋଫାରୁ ଉଠିଲା । ସେଇ ଅଗାଧୁଆ ଦେହରେ ଠାକୁରଘରୁ ପୂଜା ଶଙ୍ଖଟିକୁ ଆଣି ଜୋର୍ ଜୋରେ ଫୁଙ୍କିବାକୁ ଅପଚେଷ୍ଟା କରି କହିଲା –
– ଦରକାର ପଡିଲେ ଆମେ ଏଇଟିକୁ ବଜେଇ ତୋତେ ଡାକିଲେ ଚଳିବ ?
ଆମେ ସବୁ ଏବେ ସତସତିକା ହସରେ ଫାଟୁଥିଲୁ । ଝିଅଟି ବି ହସିଲା । ହସିଲାରୁ ତା ଅତ୍ୟଧିକ ଦାନ୍ତ କେଇଟା ଦେଖାଗଲା । ବିରକ୍ତ ଲାଗୁଥିଲା । ବେବୀନା ମାମାଙ୍କୁ ଇଂରାଜୀ ରେ ଯାହା କହିଲା, ତା ଅର୍ଥ ହେଲା 'ଅନ୍ତତଃପକ୍ଷେ ପଡିଶା ଘରର ଚାକରାଣୀଟି ୟା'ଠୁ ଦେଖିବାକୁ ଢେର୍ ଭଲ' । ବାବା ବେବୀନାକୁ ଚୁପ୍ ରହିବାକୁ ଇଂଗିତ କଲେ ।

ସହାୟିକା ଜରୁରୀ ବୋଲି ଆମେ ଖବରକାଗଜ ମାନଙ୍କରେ ବିଜ୍ଞାପନ ଦେବାର କିଛି ଦିନ ପରେ ଏଇ ଦୁର୍ଗାଙ୍କ ଆଗମନୀ । ଫୁଲଟାଇମ୍ ନର୍ସ । ମାସିକ ଦଶହଜାର । ଆୟୁଷ ସାରି ପଡିଥିବା ବୁଢୀମା ପାଇଁ ଆଉ କାହାଠାରେ ନା ଥିଲା ସମୟ ନା ଧୈର୍ଯ୍ୟ । କେତେ କରନ୍ତୁ ? ନିଜ ପାଇଁ ସମୟ ନିଅଣ୍ଟ । ସେଥିରେ ବୁଢୀମାର ଯାବତୀୟ ସେବା ଜରୁରୀ । ବାପା କହୁଥିଲେ ଅଧିକରୁ ଅଧିକ ଆଉ ଛ'ମାସ । ସେତିକି ପର୍ଯ୍ୟନ୍ତ ପୋଷିବାକୁ ପଡିବ ନର୍ସଟିକୁ । ସମସ୍ତେ ନିଷ୍ପତ୍ତିକୁ ମଂଜୁର୍ କଲୁ ।

ଆମର ଏତେ ସାଜସଜ୍ଜା ଘରଟିରେ ବୁଢୀମା' ପରି ଯେ ବି ଏକ ଅସୁନ୍ଦରପଣ । ସହିବାକୁ ହେବ । ଖାଲି ଚୋରୀ ନକରୁ , ଛୁଟି ନମାଗୁ ।
ଅଭ୍ୟାସ ନଥିଲେ ଦୁନିଆରେ ସବୁଦିନ ବିଶ୍ୱସ୍ତ ରହିବା କାଠିକର । ଅଥଚ ଆମେ ଭିନ୍ନଭିନ୍ନ ଆମ ମୁତାବକ ନାମ ନେଇ ବୋଲାଉଥିବା ଅସୁନ୍ଦର ଝିଅଟି କ୍ରମଶଃ ଘରର ମୁଖ୍ୟ ଆବଶ୍ୟକତା କେମିତି ପାଲଟିଗଲା କାହାକୁ ଜଣାପଡିଲାନି । କେବଳ ବୁଢୀମା' ପାଇଁ ନୁହେଁ , କୌଣସି ଅତିରିକ୍ତ ମୂଲ୍ୟ ନନେଇ ଘରର ମୂଲ୍ୟବାନ ଚଟାଣ, ଝର୍କା ପରଦାନ୍, ଫୁଲକୁଣ୍ଡ, ବେବୀନାର ମୁଣ୍ଡବେଣୀ, ଏମିତିକି ବାବାଙ୍କ ଅଫିସ ଟିଫିନ ବାକ୍ସ ଯାଏଁ ହାତ ଲମ୍ବୁଥିଲା ଦୁର୍ଗା ଓରଫ ଶଙ୍ଖର। ପୁଣି ବାବାଙ୍କ ଛ'ମାସର ସବୁ ଆକଳନକୁ ପଛରେ ପକାଇ ବୁଢୀମା' ଉଠିବସିଲାଣି ଖଟ ଉପରେ । ଆଉ ମୁଁ ...

ଆର୍ଯ୍ୟନ୍ ମୋ ବୟଫ୍ରେଣ୍ଡ କମ୍, ମୁଁ ତାର ପ୍ରେମିକା ବେଶି । ସବୁଥିରେ ସେ ଡିମାଣ୍ଡେଡ୍ ମୋପ୍ରତି । ତା' ଇଛା, ମୋ ମନୋଇପଣ । ଜନ୍ମଦିନର ପାର୍ଟିରେ ବିଳମ୍ବ ହେବାରୁ ମୁଁ ହୋଟଲ୍ ରୁ ଫେରିବାକୁ ଚାହିଁଲି । ଅଥଚ ଆର୍ଯ୍ୟନ୍ ମୋତେ ଭିଡିଧରିଲା ସମସ୍ତଙ୍କ ଆଗରେ । କହିଲା ' ଆଜିପାଇଁ ତ ' ! କେଜାଣି କଣ ରଖିଛି ଆର୍ଯ୍ୟନ୍ ମୋପାଇଁ ସରପ୍ରାଇଜ୍ ।
ସକାଳୁ ମୁଁ ନିଜେ ନିଜକୁ ଦେଖୁଥିଲି ଘର ସୋଫାରେ । ହ୍ୟାଙ୍ଗ୍ ଓଭର ଯାଇନି ମୋ ଦେହୁ । ମନେପଡୁଛି ଧିରେଧିରେ ମୋର ଘଟଣାକ୍ରମ ସବୁ । ମୁଁ ନିଶାରେ ଅବଶ ହୋଇପଡିବା ଆଉ ଅଚାନକ୍ ଦେବୀପ୍ରତିମାଟିଏ ଆବିର୍ଭାବ ହେବା ଇତ୍ୟାଦି ...
ବାବା–ମାମା–ବେବୀନା ଘେରିଛନ୍ତି ମୋତେ । ଚାଲିଚାଲି ଦୁର୍ଗାର ହାତଧରି ଆସୁଛି ମୋ'ଆଡ଼କୁ ବୁଢୀମା' । ଆଉ ଥରଥର ଗଳାରେ କହିଲା –
'ଆଜିଠୁ ୟା'କୁ କେହି ୟାଡୁସ୍ୟାଡୁ ନାଁ ରେ ଡାକିବା ମନା । ତା' ନାଁ 'ଦେବୀ' ।
କେହି ଏବେ ହସିଲେନି ବରଂ ଆଶ୍ଚର୍ଯ୍ୟ ହେଉଥିଲୁ କେମିତି ବୁଢୀମା' କଥା କହିପାରୁଛି ବୋଲି....

**–ଘଟଗାଁ , କେନ୍ଦୁଝର**
ମୋ:୯୪୩୭୬୩୧୭୧୯

# ଘର

**–ମନୋଜ ମିଶ୍ର**

ମୋତେ
ଘରଟେ କରିବାର ଥିଲା,

ଯୋଗାଡ଼ିଲି
ଇଟା ପଥର ବାଲି
ଭାଇଠୁ ଓଟାରିନେଲି ତା ହାତ
ମନ୍ଦିର ଚୂଡ଼ାରୁ ନେତ... !

ଇଟା ପରେ ଇଟା ଲଦି
ତୋଳିଦେଲି
ସୁଉଚ୍ଚ ପ୍ରାସାଦ,

ଏବେ ଉପର ମଂଜିଲାରେ ମୁଁ
ଖେଳୁଛି ଝିମିଟି ଖେଳ

ଖୁବ ତଳେ ରହିଗଲେ
ମାଟିଆ ମାଟିଆ ଦେହ ଆଉ
ତାଙ୍କ ଚିତ୍ରିତ ସକାଳ,

ଏବେତ
ପାଦେ ମୋର ଝୁଲିସାରିଛନ୍ତି
ମୁଣ୍ଡ ମାଳ ମାଳ.. ! !

*–ହାବିଟାଟ ୱାର୍ଲଡ଼*
*ଇଣ୍ଡିଆ ହାବିଟାଟ ସେଣ୍ଟର*
*ନୂଆଦିଲ୍ଲୀ*
*ମୋ: ୯୮୭୧୮୩୦୯୧୭*

# ଗୋଲକଧାନ୍ଧୀ

**–ସୁଧୀର କୁମାର ସାହୁ**

ସୂର୍ଯ୍ୟକୁ ଆଡେଇ ବସ୍ ଚାଲିଲା ।
କେତେବେଳ ବା ଆଡ଼େଇ ହେବ ସୂର୍ଯ୍ୟକୁ ?
ଝରକା ଦେଇ ପଶି ଆସିଲା ତୀବ୍ର ରଶ୍ମୀ ।
ଇସ୍ କି କଦର୍ଯ୍ୟ !
କହିଲା ଲୋକଟି
ଧଡ଼ାସ୍ କରି ବନ୍ଦ କରିଦେଲା ଝରକା
ସବୁତକ ଝରକା
ଦେଖ ତ ବହପ
କାଚ ଝରକାକୁ ଖାପି
ରୋକିଦେ ଆଲୁଅର ରାସ୍ତା !
କ୍ରମଶଃ ଅମ୍ଳଜାନଶୂନ୍ୟ ହେଲା ଭିତର
ଅଣନିଃଶ୍ୱାସୀ ଲୋକଟି ତଥାପି ନାରାଜ
ଖୋଲି ଦେବାକୁ ଝରକା ।
ଲୋକେ କହିଲେ
କିହୋ, ତମ ପାଇଁ କଣ ସମସ୍ତେ ମରିବେ ?
ନିଜେ ମରିବ ତ ମର !
ହେଲେ ଝରକା ଖୋଲ ।
ତଥାପି ଦେଖ
ସେ ଅନ୍ଧଟା କେମିତି ଜାବୁଡ଼ି ଧରିଛି ଝରକା !

*–ଜାମସେଦପୁର ମହିଳା ବିଶ୍ୱବିଦ୍ୟାଳୟ*
*ଜାମସେଦପୁର , ଝାରଖଣ୍ଡ*
*ମୋ: ୭୦୦୮୯୦୧୭୦୩*

# ଅବସର ମିଳିଲେ..

ବାଣୀ କପୁରଙ୍କୁ ଯେତେବେଳେ ଅବସର ମିଳେ ସେତେବେଳେ ସେ କ'ଣ କରନ୍ତି ? ନିଶ୍ଚୟ ପରିବାର ସଦସ୍ୟଙ୍କ ସହ ସମୟ କଟାଉଥିବେ, ନ ହେଲେ ଶପିଂ କରୁଥିବେ କିମ୍ବା ସାଙ୍ଗମାନଙ୍କ ସହ ଖଟିରେ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ଅବସର ମିଳିବା ମାତ୍ରେ ସେ କୁଆଡେ ଯାଆନ୍ତି ଜାଣନ୍ତି ? ତାଙ୍କର ମିନି ଚିଡିଆଖାନାକୁ। ସେଠାରେ ସେ ପ୍ରାୟ ୭୦ଟି କୁକୁର, ବିଲେଇ, ବତକ ଆଦି ପାଳିଛନ୍ତି। ଏହାବ୍ୟତୀତ ଆହୁରି ଅନେକ ଜୀବଜନ୍ତୁ ସେଠାରେ ଅଛନ୍ତି। ଏ ନେଇ ବାଣୀ କହନ୍ତି, 'ପିଲାଟି ଦିନରୁ ହିଁ ପଶୁପକ୍ଷୀଙ୍କ ପ୍ରେମରେ ମୁଁ ପଡିଯାଇଥିଲି। ଏବେ ସେମାନଙ୍କ ସୁରକ୍ଷା ପାଇଁ କାମ କରୁଛି। କାରଣ ସେମାନଙ୍କ ସହ ମିଶିଲେ ମୋତେ ଯେଉଁ ଖୁସି ଲାଗେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। ଆମ ପରିବାରର ସଦସ୍ୟମାନେ ଘରେ ଏକ ମିନି ଚିଡିଆଖାନା ଖୋଲିଛନ୍ତି କହିଲେ ଭୁଲ ହେବ ନାହିଁ। ସେଠାରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଅଛନ୍ତି। ମୋତେ ଅବସର ମିଳିବା ମାତ୍ରେ ମୁଁ ଆମର ଏହି ମିନି ଜୁ'ରେ ଥିବା ପଶୁପକ୍ଷୀଙ୍କ ସହ ସମୟ କଟାଏ। ସେମାନଙ୍କ ରକ୍ଷଣାବେକ୍ଷଣ ଠିକ୍ ଭାବେରେ ଚାଲିଛି କି ନାହିଁ ବୁଝେ।' ବାଣୀ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମା 'ଚଣ୍ଡିଗଡ କରେ ଆସିକୀ'ର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ। ଏଥିରେ ତାଙ୍କ ସହ ଆୟୁଷ୍ମାନ ଖୁରାନାଙ୍କୁ ଦେଖିବାକୁ ମିଳିବ।


ବାଣୀ


ହୃତିକ

# ଦୁଇ ବର୍ଷ ପରେ

ହୃତିକ ରୋଶନ ନିକଟରେ ଶୁଟିଂ ପାଇଁ ଓହ୍ଲାଇଛନ୍ତି। ଦୀର୍ଘ ଦୁଇ ବର୍ଷ ପରେ ସେ ପୁଣି ଥରେ କ୍ୟାମେରା ସାମନା କରିବେ। କଥା କ'ଣ କି ବିକ୍ରମ ବେଢ଼ାଙ୍କ ଆଗାମୀ ଫିଲ୍ମର ସେ ନାୟକ ସାଜିଛନ୍ତି। ଶୁଟିଂ ସେଟ୍‌ରେ ପହଞ୍ଚିବା ସମୟରେ ସେ ନିଜର ଫଟୋ ଉଠାଇ ତାହାକୁ ସୋସିଆଲ ମିଡିଆରେ ଅପଡେଟ୍ କରିଛନ୍ତି। ଏଥିରେ ସେ କ୍ୟାପ୍‌ସନ ଲେଖିଛନ୍ତି ଯେ, 'ହୀରୋ ୱାକିଂ ଅନ୍ ଟୁ ଏ ସେଟ୍ ଆଫ୍ଟର ଟୁ ଇୟର୍ସ।' ଖାସ୍ କଥା ହେଲା ଏହି ଫିଲ୍ମରେ ହୃତିକଙ୍କ ବ୍ୟତୀତ ସୈଫ ଅଲ୍ଲୀ ଖାଁ ମଧ୍ୟ ଅଭିନୟ କରୁଛନ୍ତି। ଏ ନେଇ ହୃତିକ କହନ୍ତି, 'ବେଶ୍ କିଛି ବର୍ଷ ଗ୍ୟାପ ପରେ ଏହି ଫିଲ୍ମରେ ମୁଁ ଏବଂ ସୈଫ ଏକାଠି ଅଭିନୟ କରୁଛୁ। ଦୁଇ ବର୍ଷର ଗ୍ୟାପ୍ ପରେ ମୁଁ କ୍ୟାମେରା ସାମନା କରିବାକୁ ଯାଉଛି। ଏହାର ମଜା ବେଶ୍ ଅଲଗା। ତେବେ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ।' ତା' ସହ ଆଉ ଏକ କଥା ହେଲା, ହୃତିକ ଖୁବ୍ ଶୀଘ୍ର ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବେ। ଏଥିରେ ତାଙ୍କ ସହ ଦୀପିକା ପାଦୁକୋନ୍ ଆକ୍ଟିଂ କରିବାର ଯୋଜନା ରହିଛି।

# ଲାଲି ହବ କାହାର

ଅଭିନେତା ସମ୍ବିତ ଇତି ମଧ୍ୟରେ ବେଶ୍ କେତୋଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଛନ୍ତି। ଖୁବ୍ ଶୀଘ୍ର ଦର୍ଶକ ତାଙ୍କୁ ଏକ କମେଡିଭିତ୍ତିକ ସିନେମାରେ ଦେଖିବାକୁ ପାଇବେ। ଏହି ଫିଲ୍ମର ଟାଇଟଲ ରହିଛି 'ଲାଲି ହବ କାହାର'। ଏଥିରେ ଭରପୁର ହସ ତ ଅଛି, ତା'ସହ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ଲାଲି ନାମ୍ନୀ ସୁନ୍ଦରୀ ପଛରେ ପ୍ରେମିକଙ୍କ ଲମ୍ବା ଲାଇନ୍। ହେଲେ ସେ କାହାକୁ ପ୍ରେମିକ ଭାବରେ ସ୍ୱୀକାର କରୁଛି। ଏପରି ବିଷୟବସ୍ତୁକୁ ନେଇ ଉକ୍ତ ଫିଲ୍ମଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତି। ଜି ସାର୍ଥକ ବ୍ୟାନରରେ ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ରବି ମିଶ୍ର। ସଂଳାପ ରଚନା ସଞ୍ଜୟ ମହାକୁଳ କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। 'ଲାଲି ହବ କାହାର'ର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସୂର୍ଯ୍ୟମୟୀ। ସମ୍ବିତ-ସୂର୍ଯ୍ୟମୟୀଙ୍କ ବ୍ୟତୀତ ଏଥିରେ ବବି ମିଶ୍ର, ରବି ମିଶ୍ର, ପିଣ୍ଟୁ ନନ୍ଦ, ଜୀବନ ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ମାସ ୩୧ରେ ରିଲିଜ ହେବାର ଯୋଜନା ରହିଛି।


ସମିତ


କ୍ରିତି

# ଡେଟ୍ ପ୍ରୋବ୍ଲେମ୍

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି, କ୍ରିତି ହାତରେ କେମିତି ଅଫର ପରେ ଅଫର। 'ଆଦି ପୁରୁଷ', 'ହମ୍ ଦୋ ହମାରେ ଦୋ', 'ଭେଡିୟାଁ' ରିଲିଜ ଅପେକ୍ଷାରେ ରହିଛି। ଏହାବ୍ୟତୀତ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ସେ ପୁଣି ଥରେ ଏକତ୍ର ଅଭିନୟ କରିବାକୁ ଯାଉଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ଶେହଜାଦା'। ଏଥିପାଇଁ କ୍ରିତି ଡେଟ୍ ଦେଇସାରିଛନ୍ତି। ହେଲେ ଏବେ ସେ ପୂର୍ବରୁ ସାଇନ୍ କରିଥିବା ଏକ ସିନେମାର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଆଉ ଏଥିପାଇଁ ବର୍ତ୍ତମାନ ଡେଟ୍ ବାଧକ ସୃଷ୍ଟି କରିଛି। ଏ ସମ୍ପର୍କରେ କ୍ରିତି କହନ୍ତି, 'ଲୁକ୍କା ଛୁପି' ପରେ ମୁଁ କାର୍ତ୍ତିକଙ୍କ ସହ ପୁଣି ଥରେ ଆକ୍ଟିଂ କରିବାକୁ ଯାଉଛି। ଏଥିପାଇଁ ମୁଁ ବହୁତ ଖୁସି। କାରଣ କାର୍ତ୍ତିକଙ୍କ ସହ ମୋ ଯୋଡିକୁ ଦର୍ଶକ ଗ୍ରହଣ କରିଥିଲେ। 'ଶେହଜାଦା' ଟାଇଟଲ ବିଶିଷ୍ଟ ଏହି ଫିଲ୍ମର ଶୁଟିଂ ଆସନ୍ତା ମାସରେ ଆରମ୍ଭ ହେବ। ହେଲେ ଏହାପୂର୍ବରୁ ମୁଁ ସାଇନ୍ କରିଥିବା ଆଉ ଏକ ଫିଲ୍ମର ଶୁଟିଂ ଆରମ୍ଭ ହେବ। ତାହା ହିଁ ମୋ ପାଇଁ ଟେନସନ୍‌ର କାରଣ ସାଜିଛି। ଏଥିପାଇଁ କିପରି ଡେଟ୍ ବାହାର କରିବି ଜାଣିପାରୁନାହିଁ। ଯଦି ଏ ନେଇ କିଛି ଫାଇନାଲ ନ ହୁଏ ତେବେ ପୂର୍ବ ସିନେମାଟିରେ ଅଭିନୟ କରିବାକୁ ହୁଏତ ମୁଁ ମନା କରିବି। ତେବେ ଏଥିପାଇଁ ପ୍ରଯୋଜକ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଦେଖାଯାଉ, କ'ଣ ହେଉଛି।'

# କଥା ରଖିଲେ ଜ୍ୟାକ୍ଲିନ୍

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍ଲିନ୍ ଫର୍ନାଣ୍ଡିସ୍ ଯାହା କହିଥିଲେ ତାହା ପୂରଣ କରିଛନ୍ତି। କୋଭିଡ୍ ପାଇଁ 'ରାମସେତୁ' ଶୁଟିଂ ବନ୍ଦ ହେବା ସମୟରେ ସେ ୟୁନିଟ୍ ସଦସ୍ୟଙ୍କୁ ଏକ ଡିନର ପାର୍ଟି ଦେବାକୁ ସୂଚନା ଦେଇଥିଲେ। ଏବେ ତ ଏହାର ଶୁଟିଂ ପୂରାଦମ୍‌ରେ ଚାଲୁ ରହିଛି। ନିକଟରେ ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ହଠାତ୍ ଡିନର ପାର୍ଟିକୁ ଆମନ୍ତ୍ରଣ କରିଥିଲେ। ଏକଥା ଶୁଣିବା ପରେ କେତେକ 'ଏହା ପଛରେ କାରଣ କ'ଣ ଅଛି' ବୋଲି ପ୍ରଶ୍ନ କରିଥିଲେ। ଏ ନେଇ ଜ୍ୟାକ୍ଲିନ୍ କହନ୍ତି, 'ଆପଣମାନେ ହୁଏତ ଗୋଟିଏ କଥାକୁ ମନେ ରଖିନାହାନ୍ତି। କିଛି ମାସ ପୂର୍ବରୁ ଏହି ଫିଲ୍ମର ସମସ୍ତ ସଦସ୍ୟଙ୍କୁ ରାତ୍ର ଭୋଜନରେ ଆପ୍ୟାୟିତ କରିବି ବୋଲି କହିଥିଲି। ଆଜି ବାସ୍ ସେହି କଥାକୁ ପୂରଣ କରୁଛି।' ସେଦିନ ସମସ୍ତେ ଏହି ଡିନର ପାର୍ଟିର ଭରପୁର ମଜା ଉଠାଇଥିଲେ। ପାର୍ଟି ଆରମ୍ଭ ହେବାର କିଛି ସମୟ ପରେ ସେଠାରେ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ଅକ୍ଷୟ କୁମାର ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ୟୁନିଟର ସମସ୍ତ ସଦସ୍ୟଙ୍କୁ ଖିଲାଡି ମାଷ୍ଟର ହସେଇ ହସେଇ ବେଦମ କରିଥିଲେ।


ଜ୍ୟାକ୍ଲିନ୍

# ଆଶାରେ ମାଳବିକା

ମାଲାୟାଲାମ ଅଭିନେତ୍ରୀ ମାଳବିକା ମୋହନାନ୍। କେବଳ ମାଲାୟାଲାମ ନୁହେଁ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିସାରିଛନ୍ତି। କେରଳର କନ୍ନୁର ଜିଲ୍ଲାରେ ଜନ୍ମିତା ଏହି ଅଭିନେତ୍ରୀ ବମ୍ବେରେ ରହନ୍ତି। ବଲିଉଡ୍‌ର ବିଶିଷ୍ଟ କୋରିଓଗ୍ରାଫର କେ.ୟୁ. ମୋହନାନ୍‌ଙ୍କ ଏହି କନ୍ୟା ମାସ୍ ମିଡିଆରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ୨୦୧୩ରେ ତାଙ୍କୁ ମାଲାୟାଲାମ ଫିଲ୍ମ 'ପଟ୍ଟମ ପୋଲେ'ରେ ବ୍ରେକ୍ ମିଳିଥିଲା। ଏଥିରୁ ସଫଳତା ପାଇବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ବଲିଉଡ୍‌ରେ ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ବିୟଣ୍ଡ ଦ କ୍ଲାଉଡ୍‌ସ'। ଏହି ଫିଲ୍ମ ପାଇଁ ମାତ୍ର ୧୫ ଦିନ ମଧ୍ୟରେ ସେ ୮ କିଗ୍ରା ଓଜନ କମାଇଥିଲେ। ଖାସ୍ କଥା ହେଲା, ଉକ୍ତ ସିନେମା ପାଇଁ ପ୍ରଥମେ ଦୀପିକା ପାଦୁକୋନ୍‌ଙ୍କୁ ସାଇନ୍ କରାଯାଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ତାଙ୍କ ବଦଳରେ ମାଳବିକାଙ୍କୁ ନିଆଯାଇଥିଲା। ଏବେ ତାଙ୍କ ହାତରେ ଆଉ ଏକ ହିନ୍ଦୀ ସିନେମା ରହିଛି। ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ଏଥିରେ ସେ ଶାହୀଦ କପୁରଙ୍କର ନାୟିକା ସାଜିବେ। ତେବେ ଏହି ଅଫରକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ମାଳବିକା, ଆଉ ତାହା କେତେ ପୂରଣ ହେଉଛି ଆଗାମୀ ସମୟ ହିଁ କହିବ।


ମାଳବିକା


## ପ୍ରଥମ ରୋଜଗାର

# ରୋଜଗାର ଟଙ୍କା ଘରେ ଦେଉଥିଲି

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ବଡ଼ପୋଖରୀଆପାଟଣାରେ ମୋ ଜନ୍ମ। ଗାଁ ସ୍କୁଲ୍‌ରୁ ପ୍ରାଥମିକ ଶିକ୍ଷା ସାରିବା ପରେ ନିକଟସ୍ଥ ଅଞ୍ଚଳରେ ଥିବା ଅନ୍ୟ କେତେକ ବିଦ୍ୟାଳୟରେ କିଛି କିଛି ବର୍ଷ ପଢ଼ି ଶେଷରେ ପୁରୀ ଜିଲା ସ୍କୁଲ୍‌ରେ ନବମ ଓ ଦଶମ ଶ୍ରେଣୀ ପଢ଼ିଥିଲି। ପିଲାଟିବେଳୁ ପାଠପଢ଼ାରେ ମୁଁ ଖୁବ୍ ଭଲ ଥିଲି। ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇବା ସହ ସପ୍ତମରେ ଏନ୍‌ଆର୍‌ଟିଏସ୍ ଏବଂ ମାଟ୍ରିକ୍‌ରେ ଜାତୀୟ ବୃତ୍ତି ବି ପାଇଥିଲି। ଇଚ୍ଛା ଥିଲା ଡାକ୍ତରଟିଏ ହେବା ପାଇଁ। ହେଲେ ଘରର ଦୁର୍ବଳ ଆର୍ଥିକାବସ୍ଥାକୁ ଦେଖି ମନ ଊଣା କଲାବେଳେ ମୋ ବଡ଼ ଭାଇ ମୋତେ ପ୍ରେରଣା ଦେଇଥିଲେ ଆଗକୁ ଆଗେଇବାକୁ। ଏପରି କି ମୋ ପଢ଼ାଖର୍ଚ୍ଚର ସବୁ ଭାର ବି ସେ ତୁଲାଇଥିଲେ। ତେଣୁ ଦଶମ ପାସ୍ କରିବା ପରେ ଷ୍ଟୁଆର୍ଟ ସାଇନ୍ସ କଲେଜରେ ଯୁକ୍ତ ୨ ବିଜ୍ଞାନ ସାରି ମେଡିସିନ୍ ଉପରେ ଏକ ଡିଗ୍ରୀ କୋର୍ସ କରିଥିଲି। ତା'ପରେ ଅଲଟ୍ରାସାଉଣ୍ଡ ଉପରେ ବି ଏକ କୋର୍ସ କଲି। ଏହାପରେ ନିଜ ଜ୍ଞାନକୁ ମାର୍ଜିତ କରିବା ପାଇଁ ଆମ ଗାଁ ଛକରେ ଏକ କ୍ଲିନିକ୍ ଖୋଲି ରୋଗୀସେବା କରିବାକୁ ଲାଗିଲି। ଏଥିସହିତ ସନ୍ଧ୍ୟାବେଳେ ସୋରଣରେ ଥିବା ଏକ କ୍ଲିନିକ୍‌କୁ ଯାଇ ସେଠି ବି ରୋଗୀଙ୍କୁ ଚିକିତ୍ସା କରୁଥିଲି। ରୋଗୀସେବା କରି ଟଙ୍କା ରୋଜଗାର କରିବାର ଲୋଭ ମୋର କେତେବେଳେ ବି ନ ଥିଲା। ଖୁସିରେ ଯିଏ ଯାହା ଦେଉଥିଲେ ସେଇଥିରେ ସନ୍ତୁଷ୍ଟ ହେଉଥିଲି। ସେହି ରୋଜଗାରରୁ କିଛି ନିଜ ପାଖେ ରଖି ବାକି ଟଙ୍କା ଘରକୁ ଦେଇ ଦେଉଥିଲି। ଏମିତି କିଛିଦିନ ଯିବା ପରେ ଥରେ ଏଲ୍.ଭି. ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍‌ର ଗ୍ଲୁକୋମା ଚିଫ୍ ଡାକ୍ତର ଅପର୍ଣ୍ଣା ରାଓଙ୍କ ସଂସ୍ପର୍ଶରେ ଆସିଲି। ଆଉ ତାଙ୍କଠାରୁ ପ୍ରେରଣା ପାଇ ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍‌ରେ ଇଣ୍ଟରଭ୍ୟୁ ଦେଇ ଅପ୍ଟୋମେଟ୍ରିଷ୍ଟ ଉପରେ ୪ ବର୍ଷ ଡିଗ୍ରୀ କୋର୍ସ କରିଥିଲି। ପଢ଼ା ସରିବା ପରେ ସେହିଠାରେ ହିଁ ଗ୍ଲୁକୋମା ବିଭାଗରେ କାମ କରିବାକୁ ଲାଗିଲି। ଚକ୍ଷୁ ରୋଗୀଙ୍କର ଚିକିତ୍ସା ସିନା କରୁଥିଲି ହେଲେ ରିସର୍ଚ୍ଚ କାମ ପ୍ରତି ମୋର ବେଶ୍ ଆଗ୍ରହ ଥିଲା। ତେଣୁ ପରେ ମୋତେ ରିସର୍ଚ୍ଚ ଅପ୍ଟୋମେଟ୍ରିଷ୍ଟରେ ନିଯୁକ୍ତି ଦିଆଯାଇଥିଲା। ଏହି ବିଭାଗରେ କିଛିଦିନ ରିସର୍ଚ୍ଚ କରିବା ସମୟରେ ଜନଚକ୍ଷୁ ସ୍ୱାସ୍ଥ୍ୟ ସମସ୍ୟା ଉପରେ କିଛି ଅଲଗା କରିବାକୁ ଚିନ୍ତା କରି ସେହି ଚାକିରିଟି ଛାଡ଼ିଦେଲି। ତା'ପରେ ସାଇଟ୍ ସେଭର୍ସ ନାମରେ ଏକ ଅର୍ଗାନାଇଜେଶନ୍ (ଏହା ଏକ ଅନ୍ତର୍ଜାତୀୟ ସ୍ତରର ଏନ୍‌ଜିଓ, ଯିଏ କି ଭାରତରେ ଖାସ୍ କରି ଓଡ଼ିଶାରେ ଚକ୍ଷୁରୋଗର ନିରାକରଣ ଉପରେ ଅନେକ କାମ କରିଥାଏ)ରେ ମୁଁ ଜଏନ୍ କରିଥିଲି; ଯାହାର ଚକ୍ଷୁ ବିଭାଗର ଓଡ଼ିଶା ବୈଷୟିକ ମୁଖ୍ୟ ଭାବେ ଏବେ ମୁଁ କାର୍ଯ୍ୟଭାର ସମ୍ଭାଳୁଅଛି। ତା'ସହିତ ଲେପ୍ରାସୋସାଇଟି ଭଳି ଅନୁଷ୍ଠାନ ସହ ମିଶି ଏସ୍‌ଏସ୍‌ଇପିଡି ପରାମର୍ଶରେ ରାଜ୍ୟର ବିଭିନ୍ନ କୁଷ୍ଠକଲୋନୀରେ ରହୁଥିବା କୁଷ୍ଠରୋଗୀ ଓ ସେମାନଙ୍କ ପରିବାର ତଥା ଅନ୍ୟମାନଙ୍କୁ କ୍ୟାମ୍ପ ଜରିଆରେ ମାଗଣା ଚକ୍ଷୁସେବା, ଚଷମା ବଣ୍ଟନ, ଔଷଧ ବଣ୍ଟନ, ପରଳ ଚିକିତ୍ସା କରି ସମାଜରୁ ଅନ୍ଧତ୍ୱ ଦୂର କରିବାରେ ଆନନ୍ଦ ମିଳୁଛି। ଏଥିସହିତ ଚକ୍ଷୁରୋଗ ସମ୍ବନ୍ଧୀୟ ଅନେକ ରିସର୍ଚ୍ଚ ଆର୍ଟିକିଲ୍ ମୋର ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ଜର୍ନାଲ୍‌ରେ ପ୍ରକାଶିତ ହୋଇ ମୋତେ ବହୁ ଅନୁଷ୍ଠାନ ତରଫରୁ ସମ୍ମାନ ଓ ପୁରସ୍କାର ବି ମିଳିଛି। ଏହାବାଦ୍ କବିତା ଲେଖିବାରେ ମଧ୍ୟ ମୋର ରୁଚି ରହିଛି। କାମରୁ ଫୁର୍‌ସତ୍ ମିଳିଲେ କବିତା ଲେଖାରେ ମୁଁ ମୋ ନିଜକୁ ହଜାଇ ଦେବାକୁ ଖୁବ୍ ପସନ୍ଦ କରିଥାଏ।



ଚକ୍ଷୁ ଚିକିତ୍ସକ ତଥା କବି ନିରଞ୍ଜନ ରାଜ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...




# ଅଳପ ବର୍ଷାକୁ କଅଁଳ ଖରା, ଚତୁରୀ ରାଧୀକା ନ ଦିଏ ଧରା

**ପ୍ରଶ୍ନ**–ଥରେ ବାଟରେ ଜଣେ ସୁନ୍ଦରୀ ସହ ଭେଟ ହେଲା। କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ମୁଁ ତା' ମନର ଗୋଟିଏ କୋଣରେ ଘରଟିଏ କରିସାରିଲିଣି। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–ସୁଜିତ ସାହୁ, ବରଗଡ*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ଆପଣ ତା' ସହ କଥା ହେଲେ ଠିକ୍ ଅଛି, ହେଲେ ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ଅଜଣା ପ୍ରେମିକାକୁ ଠାବ କରିବା ତ ଏତେ ସହଜ ନୁହେଁ। ତେଣୁ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ଅଳପ ବର୍ଷାକୁ କଅଁଳ ଖରା, ଚତୁରୀ ରାଧୀକା ନ ଦିଏ ଧରା। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ**–ଅନେକେ କହନ୍ତି, ଲାଜରୁ ପ୍ରେମର ସୃଷ୍ଟି। ଏକଥା ପଛରେ କେତେ ସତ୍ୟତା ରହିଛି କହିବେ କି ସାଥୀ ?

*–ଅସୀତ ଦଳେଇ, କେନ୍ଦ୍ରାପଡା*

**ଉତ୍ତର:** 'ଲାଜୁଆ ଲାଜୁଆ ଚୋରା ଚାହାଣୀ, ସେଥିରେ ଲୁଚିଛି ପ୍ରେମ କାହାଣୀ।' କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେଲା ବେଳେ ଲାଜ କରନ୍ତି। ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ବାସ୍, ମଗଜ ଖଟାଇ ତାହାକୁ ପଢ଼ି ପାରିଲେ ହେଲା। ସେହି ଲାଜୁଆ ଇସାରାରେ ହୁଏତ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବିଳମ୍ବ କରିବାର ଆବଶ୍ୟକତା ନାହିଁ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହାତଛଡା ହୋଇଯାଇପାରେ।

**ପ୍ରଶ୍ନ**–ଯାହା ସହ ମୋ ମନ ପ୍ରଥମ ଥର ମିଶିଥିଲା, କେତେକ କାରଣରୁ ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ଏବେ ମୁଁ ଆଉ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ'ଣ କରିବି ?

*–ଦୀପ୍ତି ରଞ୍ଜନ ରାଉଳ, ଢେଙ୍କନାଳ*

**ଉତ୍ତର:** ଯାହାକୁ ପ୍ରଥମେ ନିଜ ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ସେହି ପ୍ରେମର ହଠାତ୍ ବୋଧହୁଏ ଦ ଏଣ୍ଡ ହୋଇଯାଇଛି। ତା'ପରେ ଆପଣ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ହେଲେ ପ୍ରଥମ ପ୍ରେମିକାକୁ ଭୁଲି ପାରୁ ନାହାନ୍ତି। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତାହା ସହ ଆଗେଇବାକୁ ଚାହାନ୍ତି ତେବେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳିତ ହେଉଥିବେ।

**ପ୍ରଶ୍ନ**–ମୋ ମନ କଥା ଜଣେ ସୁନ୍ଦରୀକୁ କେମିତି କହିବି ଜାଣିପାରୁନାହିଁ। ମୁଁ ତାକୁ ସିନା କିଛି କହୁନି, ହେଲେ ସେ ମୋତେ ଦେଖିଲା ମାତ୍ରେ ହସି ଦେଉଛି। କ'ଣ କରିବି ?

*–ତନ୍ମୟ କୁମାର, ପୁରୀ*

**ଉତ୍ତର:** ଏପରି ଚାନ୍ସ ପାଇବା ପରେ ଆପଣ କେମିତି କିଛି କରିପାରୁନାହାନ୍ତି ? ବୋଧହୁଏ କେବଳ ବସି ଭାବୁଛନ୍ତି। ଏପଟେ ଏମିତି ଆପଣ ଭାବୁଥିବେ, ହେଲେ ସେପଟେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ସାରିବଣି। ତେଣୁ ବିଳମ୍ବ କରୁଛନ୍ତି କିଆଁ ? ବେଳକାଳ ଦେଖି ମନର କଥା ସେହି ସୁନ୍ଦରୀ ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କ ପ୍ରେମର ମିଶନ ସକ୍‌ସେସ୍ ହେବାର ଚାନ୍ସ ଅଧିକ ରହିଛି। ତେଣୁ କେବଳ ଧାଡି ଦେଖି ଆଗକୁ ମାଡି ଚାଲନ୍ତୁ।









# ମାଟି କଣ୍ଢେଇ କାରିଗରି

ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ ଓ କଳାକାରିଗରି ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏପରି ବିଭିନ୍ନ ହସ୍ତଶିଳ୍ପ କଳାରେ ନିୟୋଜିତ କାରିଗରମାନଙ୍କୁ ରୋଜଗାର ପନ୍ଥା ମିଳିପାରୁଛି। ବିଭିନ୍ନ ସ୍ଥାନରେ ଆୟୋଜିତ ମେଳା, ମହୋତ୍ସବରେ କାରିଗରମାନଙ୍କ କଳାକୃତି ଦେଖିବାକୁ ମିଳିଥାଏ। ଏମିତିରେ ଏହି କଳାକାରିଗରିରେ ଓଡ଼ିଆଘରର ସାମାଜିକ ଚଳଣି ପ୍ରତିଫଳିତ ହୋଇଥାଏ। ଏହା ଦେଖିବାକୁ ଯେତିକି ସୁନ୍ଦର, ସେତିକି ମନଛୁଆଁ ହୋଇଥାଏ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନାନାପ୍ରକାରର ହସ୍ତକଳା କାରିଗରି ରହିଛି। ଯେମିତିକି କେନ୍ଦୁଝର ଜିଲା ଘଟଗାଁ ବ୍ଲକର ବାଟହରିଚନ୍ଦନପୁର କୁମ୍ଭାରସାହିର ଟେରାକୋଟା କଳାକୃତି ଏବଂ ଏହି ଜିଲାର ହଳଧରପୁର ଗାଁର କାରିଗରମାନେ ମାଟିରେ ବିଭିନ୍ନ କଳାକୃତି ଗଢି ନିଜର ଜୀବିକା ନିର୍ବାହ କରିଥାନ୍ତି। ଏହି କାରିଗରମାନଙ୍କ ହାତର ସ୍ପର୍ଶରେ ସୃଷ୍ଟି ହୁଏ ସୁନ୍ଦର ସୁନ୍ଦର ମାଟିର କଣ୍ଢେଇ। ଏହି ମାଟିକଣ୍ଢେଇ ତିଆରି ସମ୍ପର୍କରେ ହଳଧର ଗାଁର ଗୁନୁ ସାହୁ କୁହନ୍ତି, ଘରେ ବାପାଙ୍କଠାରୁ ମାଟିରେ ବିଭିନ୍ନ କଣ୍ଢେଇ ତିଆରି କରିବା ଶିଖିଥିଲୁ। ତେବେ ରାଜ୍ୟ ସରକାରଙ୍କ ଓରମାସ ଜରିଆରେ ଭୁବନେଶ୍ୱରରୁ ଟ୍ରେନିଂ ନେଇଛି। ଆଜକୁ ପ୍ରାୟ ୧୨ବର୍ଷ ହେଲା ଏମିତି ମାଟିର ବିଭିନ୍ନ କଳାକୃତି ତିଆରି କରିଥାଉ। ଏଥିପାଇଁ ଆମ ଅଞ୍ଚଳର କୁକୁରକଟା ନଦୀ ନିକଟରୁ ମାଟିକୁ ସଂଗ୍ରହକରି ଆଣିଥାଉ। ପ୍ରଥମେ କଞ୍ଚାମାଟିକୁ ଚକଟି ଥାଉ । ବିଭିନ୍ନ କଳାକୃତିର ଛାଞ୍ଚରେ ଓଦାମାଟିକୁ ପକାଇ ନମୁନା ତିଆରି କରାଯାଇଥାଏ। ଏହାପରେ ଅଳ୍ପ ଖରାରେ ସେହି କଳାକୃତି ନମୁନାକୁ ଶୁଖାଯାଇଥାଏ । ତା ପରେ ତାକୁ ମସୃଣ କରାଯାଏ।







ଏମିତିରେ ହାତୀ, ଘୋଡ଼ା, ଫୁଲଦାନୀ, ଚଉଁରା, କଣ୍ଢେଇ ଆଦି ବିଭିନ୍ନ କଳାକୃତି ତିଆରି କରିଥାଉ। ଆମ ପରିବାରର ପ୍ରାୟ ୫ଜଣ ଏହି ମାଟି ତିଆରି ବିଭିନ୍ନ କଳାକୃତି ତିଆରି କରିଥାଉ। ଗୋଟିଏ ଗୋଟିଏ ମାଟିର କଳାକୃତିକୁ ପ୍ରାୟ ୨୦ଟଙ୍କାଠାରୁ ଆରମ୍ଭକରି ୨୫୦୦ ଟଙ୍କା ପର୍ଯ୍ୟନ୍ତ ଦାମରେ ବିକ୍ରି କରାଯାଇଥାଏ। ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା କେତେକ ମେଳା ମହୋତ୍ସବରେ ମାଟିର କଣ୍ଢେଇକୁ ବିକ୍ରି ପାଇଁ ନେଇଥାଉ। ସେହିପରି ଏହି ଗାଁର ସକୁନ୍ତଳା ସାହୁ କୁହନ୍ତି, 'ଆଜକୁ ପ୍ରାୟ ୨୦ବର୍ଷ ହେଲା ମାଟିର ବିଭିନ୍ନ କଣ୍ଢେଇ, ଘୋଡ଼ା, ହାତୀ ଭଳି ବିଭିନ୍ନ କଳାକୃତି ତିଆରି କରି ଆସୁଛି। ପ୍ରଥମେ ମାଟିକୁ ଚକଟି ଚକରେ ଘୂରାଇ ବିଭିନ୍ନ ପ୍ରକାରର ଦୀପ, ହରିଣ, ପାଣିପୋଟ, ବୁଦ୍ଧମୂର୍ତ୍ତି, ମାଟିର କଣ୍ଢେଇ ଆଦି କଳାକୃତି ଗଢ଼ିଥାଉ। ତା'ପରେ ଓଦାମାଟିର କଳାକୃତିକୁ ଶାଳରେ ପୋଡ଼ିଥାଉ। ଏହା ପରେ ସେଥିରେ ବିଭିନ୍ନ ରଙ୍ଗ ଦେଇଥାଉ। ବିଭିନ୍ନ ଅଞ୍ଚଳରେ ଆୟୋଜିତ ମେଳାରେ ଏପରିକି ତୋଷାଳି, ଶରସ ଶିଶିର ଆଦି ହସ୍ତଶିଳ୍ପ ମେଳାରେ କଳାକୃତିକୁ ବିକ୍ରି କରିବାକୁ ନେଇଥାଉ। ଉକ୍ତ କଳା କାରିଗରି କାମ କରି ଗାଁର ପ୍ରାୟ ୩ଶହରୁ ଅଧିକ କାରିଗର ଜୀବିକା ନିର୍ବାହ କରିଥାନ୍ତି। ବାର୍ଷିକ ପ୍ରାୟ ୭୦/୮୦ହଜାର ଟଙ୍କା ରୋଜଗାର ହୋଇଥାଏ।' ଭୁବନେଶ୍ୱର ହସ୍ତଶିଳ୍ପ ମେଳାରେ ନିଜର କଳାକୃତି ପସରା ପକାଇଥିବା ଜଗତସିଂହପୁର ଜିଲା କୁଜଙ୍ଗ ବ୍ଲକ ଅଧୀନ ନତଙ୍ଗ ଗାଁର କାରିଗର ନିତ୍ୟାନନ୍ଦ ବେହେରା କୁହନ୍ତି, 'ଆମ ପରିବାରରେ ପ୍ରାୟ ୬ଜଣ ସଦସ୍ୟ ଆଜକୁ ୧୨ବର୍ଷ ତଳୁ ଏମିତି ମାଟିରେ ବିଭିନ୍ନ କଣ୍ଢେଇ ତିଆରି କରିଆସୁଛନ୍ତି। ତେବେ ଏଥିରେ ବାର୍ଷିକ ସବୁ ଖର୍ଚ୍ଚ ଯାଇ ପ୍ରାୟ ୮୦ହଜାର ଟଙ୍କା ଆୟ ହୋଇପାରୁଛି। ଏମିତି କି ପ୍ରାୟ ୫ଟଙ୍କା ଠାରୁ ଆରମ୍ଭକରି ୧୫ଶହ ଟଙ୍କା ପର୍ଯ୍ୟନ୍ତ ମାଟିର ବିଭିନ୍ନ କଳାକୃତି ରହିଛି। ' ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ଏମିତି ମାଟିର କଣ୍ଢେଇ ଗଢୁଥିବା କାରିଗରଙ୍କ କଳାକୃତି ଦେଖିବାକୁ ମିଳେ। ଏହା ଆମ ଓଡ଼ିଶାର କଳାକ୍ଷେତ୍ରକୁ ସମୃଦ୍ଧ କରିଥାଏ।

– ବନବିହାରୀ ବେହେରା









## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ନଗଜା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କମଲ୍ ଫଟୋଗ୍ରାଫି

## ହାଃ ହାଃ

### ଅୟଲି


ବୟଫ୍ରେଣ୍ଡ ମନୋଜକୁ ସିନୁ: ମୋର ସ୍କିନ୍ ବହୁତ ଅୟଲି ହେଇଗଲାଣି। କହିଲ ଦେଖି ମୁଁ କ'ଣ କରିବି।
ମନୋଜ: ଗୋଟେ କାମ କର, ମୁହଁରେ ଭିମ୍ ବାର୍ ଲଗାଅ। ଇଏ ସବୁ ତେଲିଆ ଅଂଶ ହଟେଇଦେବ।

### ଶୁଭମନାସିବ

ଦାମୀ କାର୍‌ରେ ବସିଥିବା ଜଣେ ମହିଳାଙ୍କୁ
ଭିକାରୀ: ମା' ୧୦ ଟଙ୍କା ଦିଅ।
ମହିଳା ଟଙ୍କା ଦେବା ପରେ ଭିକାରୀ ଖୁସିରେ ଚାଲିଯାଉଥାଏ। ଏହା ଦେଖି
ମହିଳା: ଟଙ୍କା ନେଇ ଶୁଭମନାସୀବନି?
ଭିକାରୀ: ମର୍ସିଡିଜ୍‌ରେ ତ ବସିଛନ୍ତି। ଆଉ କ'ଣ ରକେଟ୍‌ରେ ବସିବାକୁ ଇଚ୍ଛା ଅଛି।

### ସମସ୍ୟା

ସ୍ତ୍ରୀ ବାପଘରୁ ଫେରିବାବେଳେ ସ୍ୱାମୀ କବାଟ ଖୋଲିବା ସହ ହସୁଥା'ନ୍ତି। ଏହା ଦେଖି ସ୍ତ୍ରୀ: ମତେ ଦେଖି ହସୁଛ କାହିଁକି?
ସ୍ୱାମୀ: ମତେ ଜଣେ ସ୍ୱାମୀ କହିଛନ୍ତି, ସମସ୍ୟାକୁ ସାମ୍ନାରେ ଦେଖିଲେ ହସିବା ପାଇଁ।






# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ପୁନଲୁର



କେରଳର କୋଲାମ୍ ଜିଲାରେ ଅବସ୍ଥିତ ପୁନଲୁର ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ସ୍ଥାନରେ ରହିଛି ଅନେକ ଦର୍ଶନୀୟ ସ୍ଥାନ। କୋଳାହଳରୁ ଦୂରରେ ଥିବା ଏହି ସ୍ଥାନରେ ନିରୋଳାରେ ଟିକେ ସମୟ ବିତାଇବା ପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଗହଳି ଲାଗି ରହିଥାଏ...

କେରଳର କୋଲାମ୍ ଜିଲାରେ ଥିବା ପୁନଲୁର୍ ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। କଲ୍ଲାଦା ନଦୀର ତଟଦେଶରେ ଥିବା ଏହି ଅଞ୍ଚଳରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଦର୍ଶନୀୟସ୍ଥାନ। ପାହାଡ଼, ଜଙ୍ଗଲ, ଝରଣାର ଆକର୍ଷଣରେ ଆକର୍ଷିତ ଏହି ସ୍ଥାନରେ ରହିଛି ପ୍ରସିଦ୍ଧ ପୁନଲୁର ପେପର୍ ମିଲ୍ ଓ ପୁନଲୁର ହ୍ୟାଙ୍ଗିଂ ବ୍ରିଜ୍; ଯାହା ହେଉଛି ସ୍ଥାନୀୟ ଅଞ୍ଚଳର ଦୁଇଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ। କେବଳ ଏତିକି ନୁହେଁ ଏଠାରେ ଅନେକ ପାର୍କ ତଥା ଆଧ୍ୟାତ୍ମିକ ପୀଠ ବି ପର୍ଯ୍ୟଟକ ବୁଲି ଦେଖିପାରିବେ।

### କ'ଣ ସବୁ ରହିଛି ଏଠାରେ

ପୁନଲୁରରେ ବା ପୁନଲୁରର ନିକଟବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି: ପୁନଲୁର ହ୍ୟାଙ୍ଗିଂ ବ୍ରିଜ୍, ଥେନମାଲା ଇକୋ ଟୁରିଜମ୍ ଓ ଡ୍ୟାମ୍, ଥେନମାଲା ହରିଣ ଉଦ୍ୟାନ, ଥେନମାଲା ପ୍ରଜାପତି ସଫାରି ଉଦ୍ୟାନ, ଥେନମାଲା ସ୍ଥାପତ୍ୟ ଉଦ୍ୟାନ, ଚେଙ୍କୁଲାମ୍ ଇକୋଟୁରିଜମ୍, ସେନ୍ଥୁରୁନି ବନ୍ୟପ୍ରାଣୀ ଅଭୟାରଣ୍ୟ, ଜଙ୍ଗଲ୍ ପାର୍କ, ଜଟାୟୁପାରା ଇକୋ ଟୁରିଜମ୍, କୁଦୁକାଥୁପାରା ଇକୋ ଟୁରିଜମ୍, ପାଲାରୁଭି ଜଳପ୍ରପାତ, କୁମ୍ଭୁରୁଛି ଜଳପ୍ରପାତ, କାଞ୍ଜିରମାଲା ହିଲ୍, କୋନାମ୍କୁଝି ସୁଇସାଇଡ୍ ପଏଣ୍ଟ, କୋଟ୍ଟୁକାଲ୍ ଗୁମ୍ଫା ମନ୍ଦିର, ପିନକଲ୍ ଭ୍ୟୁ ପଏଣ୍ଟ, ୧୩ କନ୍ନାରା ବ୍ରିଜ୍, ଓଲାପରା ଜଳପ୍ରପାତ, କେଲାନ୍କାଭୁ ଜଳପ୍ରପାତ, ସିଏସ୍ଆଇ ଚର୍ଚ୍ଚ ଇତ୍ୟାଦି ହେଉଛି ସ୍ଥାନୀୟ କେତେକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ।

### ଆଉ କ'ଣ ଖାସ୍ ରହିଛି ଏଠାରେ

କଳା ସଂସ୍କୃତିକୁ ଭଲ ପାଉଥିବା ପୁନଲୁରବାସୀ ବି ବେଶ୍ ନାଟକପ୍ରେମୀ ହୋଇଥାନ୍ତି। ସେଥିପାଇଁ ଏଠାରେ ଅନେକ ଥିଏଟର୍ ବି ରହିଛି। ପର୍ଯ୍ୟଟକ ଚାହିଁଲେ ଉକ୍ତ ଥିଏଟର୍ ଆଡ଼େ ବି ବୁଲି ଯାଇପାରିବେ। ସେହିପରି ବହୁ ଅଡିଟୋରିୟମ୍ ବି ଏଠାରେ ଅଛି। ଅନ୍ୟପକ୍ଷେ ଶପିଂ ପାଇଁ ବି ଏଠାରେ ଅନେକ ମଲ୍ ତଥା ମାର୍କେଟ୍ ବି ରହିଛି ; ଯେଉଁଠାରୁ ପର୍ଯ୍ୟଟକ ନିଜ ପସନ୍ଦ ମୁତାବକ ଜିନିଷ ବେଶ୍ ସୁଲଭ ମୂଲ୍ୟରେ କିଣିପାରିବେ।

### ପୁନଲୁରର ଅର୍ଥନୀତି

ପୁନଲୁରରେ ମୁଖ୍ୟତଃ ସପୁରି, ଗୋଲମରିଚ, ରବର ତଥା ପ୍ଲାଏଉଡ୍‌ର ଉତ୍ପାଦନ ପ୍ରଚୁର ପରିମାଣରେ ହୋଇଥାଏ। ଏପରିକି ଏହି ସବୁ ସାମଗ୍ରୀ ବାହାରକୁ ରପ୍ତାନି ମଧ୍ୟ ହୋଇଥାଏ। ଏପରିକି ପୁନଲୁର୍ ପେପର୍ ମିଲ୍ ନାମରେ ଏକ ଇଣ୍ଡଷ୍ଟ୍ରି ମଧ୍ୟ ଆଜକୁ ବହୁ ବର୍ଷ ତଳୁ ଏଠାରେ ଗଢ଼ିଉଠିଛି, ଯାହା ଆଗନ୍ତୁକଙ୍କୁ ଏଠାକାର ବ୍ୟବସାୟ ସମ୍ପର୍କରେ ଅନେକ କିଛି ସୂଚନା ପ୍ରଦାନ କରିଥାଏ। ସେହିପରି ଏଠାରେ ଥିବା ଶ୍ରୀରାମଭର୍ମାପୁରମ୍ ନାମକ ଏକ ମାର୍କେଟ୍‌ରେ ସବୁବେଳେ ବିଭିନ୍ନ ପ୍ରକାରର ସତେଜ ପନିପରିବା ମିଳିଥାଏ। କୁହାଯାଏ, ଏହା ହେଉଛି କେରଳର ଅନ୍ୟତମ ଏକ ବଡ଼ ପରିବା ମାର୍କେଟ୍ । ତା'ଛଡ଼ା ଏଠାକାର ଅନେକ ଲୋକ ଉଚ୍ଚ ଶିକ୍ଷା ଲାଭ କରି ଭଲ ପଦପଦବୀରେ ମଧ୍ୟ ଅବସ୍ଥାନ କରିଛନ୍ତି।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବା ପାଇଁ ସୁବିଧା ରହିଛି। ତେବେ ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ଯେ କୌଣସି ସମୟରେ ଏଠାକୁ ବୁଲିବାକୁ ଗଲେ ବେଶ୍ ଆରାମ ଲାଗିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଟ୍ରେନ୍ ହେଉ ଅବା ବସ୍ ଅଥବା ପ୍ଲେନ୍ ପର୍ଯ୍ୟଟକ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଏଠାରେ ପହଞ୍ଚି ବୁଲିପାରିବେ।







# ଘିରି ଘିରି ଘୁରୁଛି ଘର





ଚକା ଚକା ଭଉଁରୀ ମାମୁଘର ଚଉଁରୀ...। ଏମିତି କହି ପିଲାଦିନେ ସମସ୍ତେ ଘିରି ଘିରି ହୋଇ ଘୁରିଥିବେ। ଆଉ ଶେଷରେ ଘୁରି ଘୁରି ମୁଣ୍ଡ ବି ବୁଲେଇଥିବ। କିନ୍ତୁ ଭାରି ମଜା ଲାଗେ ଏମିତି କରିବାକୁ। ତେବେ ଜାଣନ୍ତି କି ଜଣେ ବ୍ୟକ୍ତି ସ୍ତ୍ରୀଙ୍କ ଖୁସି ପାଇଁ ଏମିତି ଏକ ଘର ତିଆରି କରିଛନ୍ତି ଯାହା ଘିରି ଘିରି ହୋଇ ଘୁରି ବୁଲିଥାଏ। କଥାଟି




ଅବିଶ୍ୱସନୀୟ ଲାଗିପାରେ। ଭାବୁଥିବେ ଘର ତ ସ୍ଥିର ରହେ, ସେ ଘୁରିବ ବା କେମିତି। ହେଲେ ବାସ୍ତବରେ ଜଣେ ବ୍ୟକ୍ତି ଏଭଳି ଏକ ଘର ତିଆରି କରିଛନ୍ତି। ସେହି ହେଉଛନ୍ତି ବୋସ୍‌ନିଆର ୭୨ ବର୍ଷୀୟ ଓ୍ୱଜିନ କୁସିକ୍। କୁସିକ୍‌ଙ୍କ ପତ୍ନୀ ଜ୍ୱବିକା ଚାହୁଁଥିଲେ ଘରର ଝରକା ଦେଇ ବିଭିନ୍ନ ପ୍ରକାରର ଦୃଶ୍ୟ ଦେଖିବାକୁ। ଘରର ରିନୋଭେସନ୍ ବି ସେ ଚାହୁଁଥିଲେ। ଏହାକୁ ନଜରରରେ ରଖି କୁସିକ୍ ନିଷ୍ପତ୍ତି ନେଲେ ଘୁରିପାରୁଥିବା ଘର ତିଆରି କରିବେ। ଯଦ୍ୱାରା ପତ୍ନୀ ଜ୍ୱବିକା ଝରକା ଦେଇ କେବେ ନଦୀ, କେବେ ପାହାଡ ତ ପୁଣି କେବେ ଜଙ୍ଗଲର ଦୃଶ୍ୟ ଦେଖିପାରିବେ। ଆଉ ସେ ନିଜର ସବୁ ବୁଦ୍ଧି କୌଶଳକୁ ଖଟାଇ ତିଆରି କଲେ ଏହି ଘୂର୍ଣ୍ଣାୟମାନ ଘର। ଏଥିପାଇଁ ତାଙ୍କୁ ୬ ବର୍ଷ ସମୟ ଲାଗିଗଲା। ଘରଟି ତାର ସବୁଠାରୁ ଧୀର ଗତିରେ ବୁଲିଲେ ୨୪ ଘଣ୍ଟାରେ ଗୋଟିଏ ରାଉଣ୍ଡ ବୁଲିଥାଏ। ଆଉ ସବୁଠାରୁ ଅଧିକ ବେଗରେ ବୁଲିଲେ ମାତ୍ର ୨୨ ସେକେଣ୍ଡରେ ଏକ ରାଉଣ୍ଡ ବୁଲିଥାଏ। ଅବସର ପରେ କୁସିକ୍‌ଙ୍କ ପାଖରେ ପ୍ରଚୁର ସମୟ ସହ ଇଚ୍ଛାଶକ୍ତି ଓ ଜ୍ଞାନ ମଧ୍ୟ ଥିଲା। ଫଳରେ ସେ ଏକୁଟିଆ ଏହି ଘୂର୍ଣ୍ଣାୟମାନ ଘର ତିଆରି କରିପାରିଲେ। ଏହି ଘର ଭୂମିକମ୍ପ ପ୍ରତିରୋଧୀ ମଧ୍ୟ।

## କାର୍ଟୁନ କର୍ନର



# ମୋ ଗାଁ କୋଉଠି

ଶ୍ରୀମାନ୍ ସର୍ବଗିଳା




ନିଗିଡ଼ା ବାବୁ ଲହଡ଼ିକି ବାହାହେବାର କେଇ ମାସ ପରେ ୱାଇଫ୍ ଫାମିଲି ନେଇ ଗାଁ ଛାଡ଼ି ସହରରେ ରହିଲେ । ସର୍କାରୀ ଚାକିରି ପୁଣି ଭୁବନେଶ୍ୱରରେ । ଦଶବର୍ଷ ଘରଭଡ଼ା ନେଇ ରହିବା ଭିତରେ, ସର୍କାରୀ ନିୟମରେ ତିନିଥର ପ୍ରମୋଶନ ପାଇ ବଡ଼ବାବୁ ଆସନରେ ବସିଲେ । ଗାଁଠୁ ସହରୀ ମୋହ ବେଶୀ ବଢ଼ିବାରୁ ଗୋଟେ ଚାରିବଖୁରିଆ ଫ୍ଲାଟ କିଣି ଭଡ଼ାଘର ଛାଡ଼ିଲେ । ଗାଁ ଜୀବନଠୁ ସହରୀଆ ଜୀବନ ନିଆରା । ଗାଁରେ ଥିଲାବେଳେ ଯେଉଁକାମ ପଡ଼ିଆ ଗଡ଼ିଆରେ ସାରୁଥିଲେ, ଏବେ ଘର ଭିତରେ ରୁଦ୍ଧ କୋଠରୀରେ ସ୍ନାନ ଶୌଚ କାମ ଅତି ସହଜରେ ହେଉଛି । ଗଡ଼ିଆ ପାଣିଠୁ ଝରା ପାଣିରେ ଗାଧେଇବା ମଜା ଅଲଗା । ଆଉ ଲହଡ଼ି ଦେବୀଙ୍କର ଗାଁରେ ଘଷିଗୋବର ପତର ଜାଳ ଚୁଲି ରନ୍ଧା କେବେଠୁ ପ୍ରମୋଶନ ପାଇ ଗ୍ୟାସଚୁଲା ରୋଷେଇର ସୁଖ, କାମବାଲି ଦ୍ୱାରା ଘର ସଫେଇ, ବାସନମଜା ଇତ୍ୟାଦି ସୁବିଧା ପାଇବା ସହିତ ଗାଁର ଅପରଛନିଆ ନାମ ବି ବଦଳିଯାଇଥିଲା ଉଭୟଙ୍କର ସହରରେ । ଓଡ଼ିଆଏ ସୁନ୍ଦର ନାମ ସିନା ଦିଅନ୍ତି, ହେଲେ କାହିଁକି ବିକଳିଆ ନାଁ ଧରି ଡାକନ୍ତି କେଜାଣି ! ସହରରେ ନିଗିଡ଼ା ବାବୁ କି ଲହଡ଼ିଦେବୀଙ୍କୁ କେହି ଚିହ୍ନନ୍ତିନାହିଁ କି ଜାଣନ୍ତି ନାହିଁ । ଅଫିସିଆଲ ଆଦବ କାଇଦାରେ ନଗେନ୍ଦ୍ର ବାବୁ ଲେହେରୀ ଦେବୀନାମରେ ସଭିଏଁ ଡାକନ୍ତି । ଏଇ ନାମରେ ଚିଠିପତ୍ର ଅବା ଭୋଜିଭାତ ପାଇଁ ନିମନ୍ତ୍ରଣ ପତ୍ର ଆସେ । ଗାଁର ବେଶ ପୋଷାକ, ନାମ, ଖାଦ୍ୟପେୟ, ଚାଲିଚଳନ, ସହରରେ ସବୁ ନିଆରା । ତେଣୁ ଗାଁ ଛାଡ଼ିବା ପରଠୁ ଲହଡ଼ି ଓରଫ ଲେହେରୀ ଦେବୀ ଆଉ ଗାଁ ଶଶୁରାଳୟକୁ ଯିବାକୁ ପୁରା ନାରାଜ । ପହିଲେ ପହିଲେ ନିଗିଡ଼ାବାବୁ ମାସେ ତିନିମାସରେ ଗାଁକୁ ଆସୁଥିଲେ । ବାପା ବୋଉ ଘରବାଡ଼ି, ଜମିଜମା କଥା ବୁଝୁଥିଲେ, ମାତ୍ର ପରେ ଘରୁ ଯେତେ ଖବର ଗଲେ ବି ଯିବି ଯିବି କହି କାମରେ ଭାରି ବିଜିର ବାହାନାରେ ଯାଇ ନାହାନ୍ତି ଢ଼େର୍ ଦିନହେଲା । ବରଂ ପତ୍ନୀଙ୍କ ସୁପରାମର୍ଶରେ ଗାଁ ଘର ବାଡ଼ି ବିକିଦେଇ ପିଲାଙ୍କ ଭବିଷ୍ୟତ ପାଇଁ ପଟିଆରେ ପ୍ଲଟଖଣ୍ଡେ ପକେଇବାକୁ ସ୍ଥିର କରିଥିଲେ ନିଗିଡ଼ା ବାବୁ । ମାତ୍ର ସେତିକି କରିନାହାନ୍ତି ବୋଲି ବିଧାତାଙ୍କୁ ଧନ୍ୟବାଦ ଜଣେଇଛନ୍ତି ।

ଫନୀ ଭଳି ମହାବାତ୍ୟା ହଉ କି ବର୍ଷା ହେଲେ ସହରରେ ଯୋଉ କୃତ୍ରିମ ବନ୍ୟା ହେଉ ଅଥବା କରେନା ବେଳେ ଲକ୍‌ଡାଉନ୍, ସଟ୍‌ଡାଉନ୍‌ର କରୁଣ ପରିସ୍ଥିତି ଦେଖି ତାଙ୍କ ଧାରଣା ବଦଳିଯାଇଛି, ରଂଗବୋଳା ସହରୀ ସୁନ୍ଦର ଜୀବନଠୁ ଗୋରୁ ଗୋବର ଗାଁର ଜୀବନ ବେଶୀ ଭଲ ବୋଲି ଭାବିଛନ୍ତି । ଇଲେକ୍ଟ୍ରି ଲାଇନ୍ ବିନା ସହରରେ ସବୁ ବେଲାଇନିଆ ଜୀବନ । ପାଣି ବିନା ପାଇଖାନାର କି କାମ ? ବରଂ ଗାଁର ଗଡ଼ିଆ ପଡ଼ିଆ ପ୍ରକୃତି ଡାକରାକୁ ହାଜିର । ବର୍ଷା ହେଲେ ସହର ରାସ୍ତାରେ ଡଙ୍ଗା ଚାଲିବା ଜାଗାରେ ବାବୁଙ୍କ ମୋଟରଯାନ ଚାଲିବା ଅସମ୍ଭବ । କେତେଦିନ ଘରେ ଦୁଆର କିଳି ମାର୍କେଟିଂ କି ଅଫିସି ନକରି ବନ୍ଦ ପାଳନ କରିହେବ ? ବରଂ ଏଭଳି ପରିସ୍ଥିତିରେ ଗାଁରେ ଘର ଖଣ୍ଡେ ଥିଲେ ମଣିଷ ବଞ୍ଚିଯିବ ।

ପନ୍ଦର ବର୍ଷ ପରେ ଗାଁ ଘରକୁ ବଦଳେଇ ଛାତ ପକେଇବେ ବୋଲି ବାବୁ ବାବୁଆଣୀ ଗାଁକୁ ଫେରିଛନ୍ତି । ହେଲେ ଇଏ କ'ଣ ? ଗାଁ କାହିଁ ? ଗାଁର ଚାଷୀଭାଇ କେଇ ପୁରୁଷର ଭାତହାଣ୍ଡି ଜମି ବିକି ଘରେ ଡାଇନିଂ ଟେବୁଲରେ ଟଙ୍କିକିଆ ଚାଉଳ ରାନ୍ଧି ଖାଉଛନ୍ତି । ଗାଈ ବଳଦ ବିକି ବିଦେଶୀ କୁକୁର ପାଳି ସକାଳୁ ତା' ମଳ ସଫା କରୁଛନ୍ତି । ଘର ଆଉ ଗୋବରରେ ଲିପା ହେଉନି କି ସକାଳୁ ଗୋବରପାଣି ପଡୁନି । ମାର୍ବଲ ଟାଇଲି ଘରକୁ ଫିନାଇଲି ବୋତଲ ଶୋଭା ପାଉଛି । ଗାଁର ନାରୁଆ ତା' ବିରାଟ ଗାଈ ଗୋଠ ବିକ୍ରି କରି କ୍ଷୀର ବେପାର ବନ୍ଦ କରି ଗାଁ ମୁଣ୍ଡରେ କାଚଘରେ ବିଦେଶୀ ମାଲ୍ ବେପାର କରୁଛି । ସଂଜରେ ସେଠି ବେଶ୍ ଭିଡ଼ ଜମୁଛି । ଗାଁରେ ଥିବା ଦି'ଦି'ଟା ବଡ଼ ପୋଖରୀ ଯେଉଁଥିରେ ଗାଧୁଆ ଶୌଚ ହେଉଥିଲା, ବର୍ଷକୁ ଲକ୍ଷାଧିକ ଟଙ୍କାର ମାଛ ବିକ୍ରି ହେଉଥିଲା, ତାହା ଏବେ ଶୁଖିଲା ପଡ଼ିଛି । କାହାବାଡ଼ିରେ କଦଳୀ ଗଛଟେ ନାହିଁ । ଗାଧୁଆ ତୁଠ ଏବେ ବାଥ୍‌ରୁମ୍ ଭିତରେ ବନ୍ଦୀ । ଆନ୍ଧ୍ରା ମାଛରେ ଭୋଜିଭାତ, ଆନ୍ଧ୍ରା କଦଳୀରେ ଠାକୁରପୂଜା । ଲଣ୍ଠନ ଡିବିରି କି ଇଲେକ୍ଟ୍ରି ଆଲୁଅ ମାରିଦେଇଛି । ଜହ୍ନ ଆଲୁଅକୁ ମରକ୍ୟୁରି ଆଲୁଅ ଗିଳି ସାରିଛି । ଗାଁର ଭାଗବତ ଟୁଙ୍ଗି ନାହିଁ କି ଭାଗବତ ବୋଲା ହଉନାହିଁ । ସେଇ ଜାଗାରେ ଭେଣ୍ଡିଆମାନେ କ୍ଲବଘର ଗଢ଼ି ଦିନରାତି ଭୋଜିଭାତ, ନାଚଗୀତରେ ମସ୍‌ଗୁଲ୍ । ଚାଷ ଜମି ପଡ଼ିଆ ପକେଇ ତାସ୍‌ଖେଳ, ନ'ଲେ ଅଙ୍ଗ୍ରେଜିଆ ବ୍ୟାଟ୍ ବଲ୍‌ରେ କ୍ରିକେଟ ଖେଳରେ ମାତିଛନ୍ତି । ଟୋକା ଠୁ ବୁଢ଼ା ଛାତ୍ରଛାତ୍ରୀ ଘଷା ଫୋନ୍ ଧରି ନାହିଁ ନଥିବା ମଜା ନଉଛନ୍ତି । ଏଇ ୧୫ ବର୍ଷ ଭିତରେ ସହରଟା ଗାଁକୁ ଜବରଦଖଲ କରି ସାରିଲାଣି । ଚାଇନା ମାଲ୍ ଠୁ ଦେଶୀ ବିଦେଶୀ ମାଲ୍ ପାନ ଦୋକାନରେ ସହଜରେ ଉପଲବ୍ଧ । ଅଧିକାଂଶ ଯୁବକ – 'ଯୁ'କଟା ବକ ହୋଇ ଆପଣା ସ୍ୱାର୍ଥରେ ମାତିଛନ୍ତି । ଚୁଡ଼ା, ଛତୁଆ, ଚକୁଳି, ପଖାଳକୁ ସନା ସାହୁର ଫାଷ୍ଟଫୁଡ୍ ଠେଲାଗାଡ଼ି ଗିଳିସାରିଲାଣି ।

ନିଗିଡ଼ା ବାବୁ ଓ ଲହଡ଼ି ଦେବୀ ଦେଖି ଭାବୁଥିଲେ, ଯେଉଁ ଗାଁରେ ଗାଈ ବଳଦ ବିକି ଦାମୀ ବିଦେଶୀ କୁକୁର ପାଳିଲେଣି, ଚାଷଜମି ବିକି କିଣା ଚାଉଳ ଭାତ ରାନ୍ଧି ଡାଇନିଂ ଟେବୁଲରେ ଖାଇ ଶିଖିଲେଣି, ଚାଟଶାଳୀ ଅବା ଓଡ଼ିଆ ବିଦ୍ୟାଳୟ ଛାଡ଼ି, ଅଙ୍ଗ୍ରେଜୀ ସ୍କୁଲରେ ପିଲା ପଢ଼ିଲେଣି, କ୍ଷୀର ଠାରୁ ସୁରାର ମହତ୍ୱ ବୁଝିଲେଣି, ସେ ଗାଁ ଢ଼େର୍ ଉନ୍ନତି କଲାଣି ।

ତେବେ ତାଙ୍କ ପିଲା ଗାଁ ନା ସହର କେଉଁଠି ଅଧିକ ସୁରକ୍ଷିତ ? କେଉଁଠି ତା ସୁନେଲି ଭବିଷ୍ୟତ ? ? କାହିଁ ଗଲା ମୋ ଗାଁ ? କିଏ ବଦଳେଇଲା ୟା ମାନଚିତ୍ର !


*– ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ–୭୫୨୦୦୨*

## ପୁସ୍ତକ ସମୀକ୍ଷା

### ଭାଗବତ ଦର୍ପଣ

ମୂଳ ସଂସ୍କୃତ ଶ୍ଳୋକ ଚୌଦାକ୍ଷରୀ ଗୀତିରୂପ
ଅଶୋକ କୁମାର ଆଚାର୍ଯ୍ୟ (ଅଶୋକାଚାର୍ଯ୍ୟ)
ପ୍ରକାଶକ– ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର
ମୂଲ୍ୟ–୧୫୦୦ ଟଙ୍କା

ଶ୍ରୀ ବେଦବ୍ୟାସ କୃତ ଶ୍ରୀମଦ୍ଭାଗବତ ମହାପୁରାଣ ଓ ମାହାତ୍ମ୍ୟ ଭାଗବତ ଦର୍ପଣ ମୂଳ ସଂସ୍କୃତ ଶ୍ଳୋକକୁ ଚୌଦାକ୍ଷରୀ ଗୀତିରୂପ ଦେଇଛନ୍ତି ଅଶୋକ କୁମାର ଆଚାର୍ଯ୍ୟ । ଶବ୍ଦ ବିଭବ, ଛନ୍ଦ ଲାଳିତ୍ୟ, ରୂପକଳ୍ପ ତଥା ଅସାଧାରଣ କାବ୍ୟ ଚାତୁରିରେ ଭାଗବତ ଦର୍ପଣ ଗ୍ରନ୍ଥ ସାହିତ୍ୟରେ ବିରଳ । କୋଟି କୋଟି ଓଡ଼ିଆଙ୍କର ଏହା ସର୍ବାଧିକ ପ୍ରିୟ ଗ୍ରନ୍ଥ । ଶତାବ୍ଦୀ ଶତାବ୍ଦୀ ଧରି ଏହାର ଭାବ ଓ ଭାଷା ଓଡ଼ିଆ ମାନସିକତାକୁ ଆଚ୍ଛନ୍ନ କରି ରଖିଛି । ଏହି ଭାଗବତ ଦର୍ପଣ ଶ୍ରୀ ବ୍ୟାସଦେବ କୃତ ଶ୍ରୀମଦ୍ଭାଗବତ ତଥା ପଦ୍ମ ପୁରାଣ, ଛନ୍ଦ ପୁରାଣ ଶ୍ରୀମଦ୍ଭାଗବତ ମାହାତ୍ମ୍ୟ ଚୌଦାକ୍ଷରୀ ଛନ୍ଦଯୁକ୍ତ ପଦ୍ୟାନୁବାଦ ମାଧ୍ୟମରେ ଶ୍ଳୋକାର୍ଥ ପ୍ରଦାୟକ । ଏହାର ସମସ୍ତ ପଦ ଅନ୍ତରାତ୍ମା ନିର୍ଦ୍ଦେଶିତ ତଥା ଓଁକାର ମନ୍ତ୍ରପୂତ । ମରଣ କାଳରେ ଭାଗବତର ବାଣୀରୁ ପଦେ କାନରେ ପଡ଼ିଲେ ଜୀବନ ଧନ୍ୟ ହେବ ବୋଲି ଆମର ବିଶ୍ୱାସ ରହିଛି । ବାସ୍ତବରେ ମାନସିକ ଶାନ୍ତି, ବୌଦ୍ଧିକ ତୃପ୍ତି ଓ ସୁସ୍ଥ ସୁନ୍ଦର ସମାଜ ଗଠନରେ 'ଭାଗବତ ଦର୍ପଣ' ଆମକୁ ଆଲୋକ ଆଡ଼କୁ ନେଉ ଏହା ହିଁ ଆଶା ଓ ବିଶ୍ୱାସ ।




### ଖୋର୍ଦ୍ଧା ଇତିହାସର ଅନ୍ତୁଡ଼ିଶାଳ ବରୁଣେଇ

ଲେଖକ–ସତ୍ୟବାଦୀ ବଳିଆରସିଂହ
ପ୍ରକାଶକ–କୃଷ୍ଣଚନ୍ଦ୍ର ହରିଚନ୍ଦନ
କଳିଙ୍ଗ ପାଇକ ସଙ୍ଗଠନ, ଖୋର୍ଦ୍ଧା, ମୂଲ୍ୟ–୧୨୦ ଟଙ୍କା


ଖୋର୍ଦ୍ଧା ଇତିହାସର ଅନ୍ତୁଡ଼ିଶାଳ–'ବରୁଣେଇ' ଐତିହାସିକ ତଥା ଗବେଷକ ସତ୍ୟବାଦୀ ବଳିଆରସିଂହଙ୍କର ଏକ ଅନବଦ୍ୟ ସୃଷ୍ଟି । ଏଥିରେ ଅନେକ ତଥ୍ୟ ସନ୍ନିବେସିତ ହୋଇଛି, ଯାହା କେବେ ଲୋକଲୋଚନକୁ ଆସିନାହିଁ । ବରୁଣେଇ ଓ ଅରୁଣେଇ (ପରେ କରୁଣେଇ) ଖୋର୍ଦ୍ଧା ରାଜାଙ୍କ ଇଷ୍ଟଦେବୀ । ଦେବୀଙ୍କ ମହିମା ଯେତିକି ପ୍ରଚାରିତ, ଖୋର୍ଦ୍ଧା ରଣରଙ୍ଗା ପାଇକଙ୍କ ଗରିମା ସେତିକି ବିସ୍ତାରିତ । ବହିଟିରେ ୬ଟି ଅଧ୍ୟାୟ ରହିଛି । ଏଥିରେ ବରୁଣେଇ ଓ ଖୋର୍ଦ୍ଧା ପାଇକମାନଙ୍କର ସଂକ୍ଷିପ୍ତ ଇତିହାସ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ପାଇକମାନେ ଯୁଦ୍ଧକୁ ଗଲା ବେଳେ ମା' ବରୁଣେଇଙ୍କ ନାମ ସ୍ମରଣ କରିଥାନ୍ତି । ବୀର ମାଟି ଖୋର୍ଦ୍ଧାର ଗର୍ବ ଓ ଗୌରବର ମୂକସାକ୍ଷୀ ଐତିହ୍ୟ ପ୍ରସିଦ୍ଧ ବରୁଣେଇ ପୀଠ ସମ୍ପର୍କରେ ରାମାୟଣ, ମହାଭାରତ ତଥା କପିଳ ସଂହିତାରେ ବର୍ଣ୍ଣନା ରହିଛି । କିନ୍ତୁ ବଳିଆରସିଂହଙ୍କର ଲିଖିତ ପୁସ୍ତକଟି ବରୁଣେଇ ବୁଲି ଯିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଉପାଦେୟ ହେବ ବୋଲି ବିଶ୍ୱାସ ।




### ଜାତୀୟ ଜୀବନ ପଥେ (ଆତ୍ମଜୀବନୀ)

ଡ. ଅଦ୍ୱୈତ କୁମାର ପାତ୍ର
ପ୍ରକାଶକ– ସାମ୍ୟସାଥୀ ପାତ୍ର, ଭୁବନେଶ୍ୱର
ମୂଲ୍ୟ–୭୨୦ ଟଙ୍କା

ଜାତୀୟ ଜୀବନ ପଥେ ଡ. ଅଦ୍ୱୈତ କୁମାର ପାତ୍ରଙ୍କ ଆତ୍ମଜୀବନୀ । ଏଥିରେ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ ରହିଛି । ପ୍ରଫେସର ପାତ୍ର ତାଙ୍କ ଜୀବନର ବିଭିନ୍ନ ଘଟଣାବଳୀକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ଜୀବନ ସାରା ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି । ବହୁ ସ୍ୱପ୍ନ ସେ ନିଜ ଜନ୍ମଭୂମି ବାଲିଆପାଳ ଓ ବାଲେଶ୍ୱର ପାଇଁ ଦେଖିଛନ୍ତି, କିନ୍ତୁ ତାହା ସାକାର ହୋଇନାହିଁ । ସେ କ୍ଷୋଭର ସହ ତାଙ୍କ ଆତ୍ମଜୀବନୀରେ ପ୍ରକାଶ କରିଛନ୍ତି । ରାଜ୍ୟରେ ହେତୁବାଦୀ, ବିଜ୍ଞାନବାଦୀ ଅବା ମାନବବାଦୀ ଆନ୍ଦୋଳନ ଜୋରଦାର ହୋଇପାରି ନାହିଁ । ସେ ଦିଗରେ ଅନ୍ଧବିଶ୍ୱାସ ଓ କୁସଂସ୍କାରରେ ଓଡ଼ିଶା ଲୋକମାନେ ଶଢ଼ୁଛନ୍ତି । ଗୁଣିଗାରେଡ଼ିର ମିଥ୍ୟା ପ୍ରଭାବ ଆଦିବାସୀ ଅଞ୍ଚଳରେ ବହୁ ଜୀବନ ନେଉଛି । ବିଜ୍ଞାନର ଫଳ ଭୋଗ କରିବାକୁ ସମସ୍ତେ ପାଗଳ, କିନ୍ତୁ ବୈଜ୍ଞାନିକ ଚିନ୍ତାଧାରା ତଥା ମନୋଭାବ ଗ୍ରହଣ କରିବାକୁ କେହି ପ୍ରସ୍ତୁତ ନୁହନ୍ତି । ଏହାକୁ ଡ. ପାତ୍ର ତାଙ୍କ ଆତ୍ମଜୀବନୀରେ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ଏହା ଯଥାର୍ଥରେ ଏକ ଉପାଦେୟ ତଥା ଯୁଗୋପଯୋଗୀ ପୁସ୍ତକ ବୋଲି ବିନା ଦ୍ୱିଧାରେ କୁହାଯାଇପାରିବ ।



# ହାତ ନ ଥାଇ ସ୍ପୋର୍ଟ୍ସ କାର୍ ଡ୍ରାଇଭର୍

୨୦୦୬ରେ ପୋଲାଣ୍ଡର ବର୍ତ୍ତେକ ଓସ୍ତ୍ରାଲୋସ୍କି ଏକ ବାଇକ୍ ଦୁର୍ଘଟଣାରେ ହରାଇଥିଲେ ଦୁଇ ହାତ। ସେତେବେଳକୁ ତାଙ୍କୁ ମାତ୍ର ୨୦ ବର୍ଷ ବୟସ। ଜଣେ ପେସାଗତ ରେସିଂ କାର୍ ଡ୍ରାଇଭର୍ ହେବାର ସ୍ୱପ୍ନ ଦେଖୁଥିବା ବର୍ତ୍ତେକ କିନ୍ତୁ ଏଥିରେ ଅଟକିଯାଇ ନ ଥିଲେ। ନିଜ ଗୋଡ଼ରେ କାର୍ ଚଳାଇବାକୁ ନିଷ୍ପତ୍ତି ନେଲେ। ବହୁତ କଷ୍ଟ ଥିଲା ବିନା ହାତରେ କେବଳ ଗୋଡ଼ ସାହାଯ୍ୟରେ ରେସିଂ କାର୍ ଚଳାଇବା। ତଥାପି ବହୁ ଚେଷ୍ଟା କରି ମାତ୍ର ତିନି ବର୍ଷ ଭିତରେ ସେ ରେସିଂ କାର୍ ଚଳାଇବାରେ ମାଷ୍ଟର ପାଲଟିଗଲେ। ଏବେ ସେ ପୃଥିବୀର ଏକମାତ୍ର ହାତବିହୀନ ତଥା ଗୋଡ଼ରେ ଚଳାଉଥିବା ରେସ୍ କାର୍ ଡ୍ରାଇଭର୍। ତେବେ ସେ ନିଜ ସୁବିଧା ଓ ଆବଶ୍ୟକତା ମୁତାବକ ତାଙ୍କ ନିସାନ ସ୍କାଇଲାଇନ୍ ଜିଟି-ଆର୍ କାର୍‌ରେ କିଛିଟା ପରିବର୍ତ୍ତନ କରିଛନ୍ତି। ଆଉ ସେ ଡାହାଣ ଗୋଡ଼ରେ ପେଡାଲକୁ ଓ



ବାମ ଗୋଡ଼ରେ ଷ୍ଟିୟରିଂକୁ କଣ୍ଟ୍ରୋଲ କରନ୍ତି। ଏମିତିଭାବେ ଚଳାଇ ସେ ଖୁବ୍‌ଶୀଘ୍ର ପୋଲାଣ୍ଡର ରେସିଂ ସର୍କିଟ୍‌ରେ ବେଶ୍ ପରିଚିତ ହୋଇଗଲେ। ଏହାପରେ ତାଙ୍କ ପାଇଁ ଚ୍ୟାଲେଞ୍ଜ ଥିଲା ଡ୍ରିଫ୍ଟ ରେସିଂ। କଠିନ ପରିଶ୍ରମ କରି ଏଥିରେ ମଧ୍ୟ ସେ ସିଦ୍ଧହସ୍ତ ହୋଇପାରିଲେ। ଆଉ ହାତ ଗୋଡ଼ ଥିବା ରେସ୍ କାର୍ ଡ୍ରାଇଭର୍‌ଙ୍କ ସହ ପ୍ରତିଯୋଗିତାରେ ଅଂଶ ଗ୍ରହଣ କଲେ। ୨୦୧୯ରେ ୟୁରୋପର ଡ୍ରିଫ୍ଟ ଚାମ୍ପିୟନଶିପ୍‌ରେ ୫୦ ପ୍ରତିଯୋଗୀଙ୍କ ଭିତରେ ସେ ୯ମ ସ୍ଥାନରେ ରହିଥିଲେ। ତା'ସହ ଇଣ୍ଟରନ୍ୟାଶନାଲ ଚେକ୍ ଡ୍ରିଫ୍ଟ ସିରିଜ୍‌ରେ ଅନେକ ପ୍ରଫେସନାଲ୍ ସ୍ପୋର୍ଟ୍ସ ଡ୍ରାଇଭର୍ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଜିତ୍ ହାସଲ କରିଥିଲେ।

ବ୍ୟାକ୍ ପେଜ୍









# ସବୁଠୁ ଉଚ୍ଚା ମହିଳା

ତୁର୍କୀର ରୁମେଶା ଗେଲ୍ଗି ଠିକ୍‌ଭାବେ ଚାଲିପାରନ୍ତି ନାହିଁ। ହ୍ୱିଲ୍ ଚେୟାର୍ ତାଙ୍କର ଭରସା। ହେଲେ ସେ ପାଇଛନ୍ତି ପୃଥିବୀର ସବୁଠାରୁ ଡେଙ୍ଗା ଜୀବିତ ମହିଳାର ମାନ୍ୟତା। କାରଣ ୨୫ ବର୍ଷୀୟା ଗେଲ୍ଗିଙ୍କ ଉଚ୍ଚତା ହେଉଛି ୭ ଫୁଟ୍ ୭ ଇଞ୍ଚ। ଏହାପୂର୍ବରୁ ୨୦୧୪ରେ ତାଙ୍କୁ ଯେତେବେଳେ ୧୮ ବର୍ଷ ବୟସ ହୋଇଥିଲା ଗିନିଜ ୱାର୍ଲଡ୍ ରେକର୍ଡସ୍ ଦ୍ୱାରା ସେ ସବୁଠାରୁ ଉଚ୍ଚା ଜୀବିତ କିଶୋରୀର ମାନ୍ୟତା ବି ପାଇଥିଲେ। ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ଦୁଇଥର ସ୍ଥାନ ପାଇଥିବା ଗେଲ୍ଗି କିନ୍ତୁ ଏକ ବିରଳ ରୋଗ ଦ୍ୱାରା ଆକ୍ରାନ୍ତ, ଯାହାର ନାମ ହେଉଛି ୱିଭର୍ ସିଣ୍ଡ୍ରୋମ୍। ଏହାଦ୍ୱାରା ଉଚ୍ଚତା ବଢିଥାଏ। ହେଲେ ଅସ୍ଥି ଦୁର୍ବଳ ହୋଇଯାଏ। ଏହି କାରଣରୁ ଗେଲ୍ଗି ଭଲରେ ଚାଲିପାରନ୍ତି ନାହିଁ। ପ୍ରାୟତଃ ହ୍ୱିଲ ଚେୟାର ବ୍ୟବହାର କରନ୍ତି। ତାସହ ଶାରୀରିକ ଗଠନ ବି ସ୍ୱାଭାବିକ ନୁହେଁ। ତେଣୁ ପିଲାଦିନେ ଅନେକେ ତାଙ୍କୁ ଚିଡାଉଥିଲେ। ହେଲେ ପରିବାର ଲୋକଙ୍କ ସହଯୋଗ ତାଙ୍କୁ ଭିତରୁ ଦୃଢ କରିଥିଲା। ଆଉ ତାଙ୍କର ଏଇ ଭିନ୍ନତା ତାଙ୍କୁ ଶେଷରେ ଦେଲା ଏକ ସ୍ୱତନ୍ତ୍ର ପରିଚୟ।

# ଧାନ କ୍ଷେତରେ କଳାକୃତୀ



କେରଳର ୫୫ ବର୍ଷୀୟ ଜନସନ୍ ଓଲିପୁରମ୍ ଜଣେ ଇଂରାଜୀ ଶିକ୍ଷକ ଥିଲେ। ଆନ୍ଧ୍ରପ୍ରଦେଶ ଓ ଉତ୍ତରାଖଣ୍ଡରେ ଦୀର୍ଘବର୍ଷର ଶିକ୍ଷକତା ପରେ ସେ ନିଷ୍ପତ୍ତି ନେଲେ ଗାଁକୁ ଫେରି ଚାଷବାସ କରିବେ। ଆଉ ଗାଁକୁ ଆସି ଧାନ ଚାଷ ଆରମ୍ଭ କଲେ। କରୋନା କାଳରେ ତାଙ୍କୁ ଅନେକ ସମୟ ମିଳିଲା ଏହି କ୍ଷେତ୍ରରେ ପାରଙ୍ଗମ ହେବା ପାଇଁ। ଏବେ ସେ ୨୮ ପ୍ରକାର ଧାନ ଚାଷ କରୁଛନ୍ତି। କେବଳ ସେତିକି ନୁହେଁ ଚାଷବାସ ତଥା ଅର୍ଗାନିକ ଫାର୍ମିଂକୁ ଲୋକାଦୃତ କରିବା ପାଇଁ ସେ ଏକ ଅଭିନବ ଉପାୟ ଆପଣେଇଛନ୍ତି। ଧାନ କ୍ଷେତରେ ସେ କରୁଛନ୍ତି ବିଭିନ୍ନ ପ୍ରକାରର ଚିତ୍ରକଳା। ସେଥିମଧ୍ୟରେ ଗୋଟିଏ ହେଉଛି କ୍ଷେତରେ ତିଆରି ପ୍ରଜ୍ୱଳିତ ଦୀପର କଳାକୃତୀ। ୮୭୧୨ ବର୍ଗଫୁଟ୍ ଅଞ୍ଚଳରେ ତିଆରି ଏହି କଳାକୃତୀକୁ ତିଆରି କରିବା ପାଇଁ ସେ ବିଭିନ୍ନ ପ୍ରକାରର ଓ ବିଭିନ୍ନ ରଙ୍ଗର ଧାନଗଛ ଲଗାଇଥିଲେ। ଦୀପର ଶିଖା କରିବା ପାଇଁ ସେ କଫି ବ୍ରାଉନ୍ ରଙ୍ଗର ପତ୍ର ହେଉଥିବା ମହାରାଷ୍ଟ୍ରର ନସାରବାଥ୍ ଧାନ ବ୍ୟବହାର କରିଛନ୍ତି। ତାସହ କଳା ରଙ୍ଗ ପାଇଁ କଳାପତ୍ର ହେଉଥିବା କଳାବାଥ୍ ଧାନ, ଗୋଲ୍ଡେନ ବ୍ରାଉନ୍ ରଙ୍ଗ ପାଇଁ କ୍ଲେରୋ ରାଇସ୍ ଆଦି ବ୍ୟବହାର କରିଛନ୍ତି।

